ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.22 . No.291, Bhubaneswar Saturday, January 04, 2020 ୨୨ତମ ବର୍ଷ ସଂଖ୍ୟା–୨୯୧ ଭୁବନେଶ୍ୱର, ଶନିବାର, ଜାନୁଆରୀ ୦୪, ୨୦୨୦ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ଯୁକ୍ତ ୨ ପରୀକ୍ଷା ହଲ୍‌ରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ

ଭୁବନେଶ୍ୱର, (ପିଏନ)- ଯେଉଁ ଯୁକ୍ତ ୨ କଲେଜ ଗୁଡିକ ଆସନ୍ତା ୧୦ ତାରିଖ ସୁଦ୍ଧା ସିସିଟିଭି ଲଗାଇବେ ନାହିଁ ସେଗୁଡିକୁ ପରୀକ୍ଷା କେନ୍ଦ୍ର କରାଯିବ ନାହିଁ ବୋଲି ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସମ୍ପୃକ୍ତ କଲେଜ ଗୁଡିକୁ ଚିଠି ଲେଖି ଜଣାଇ ଦିଆଯାଇଛି । ୧୦ ତାରିଖ ସୁଦ୍ଧା କେତେ କଲେଜ ପରୀକ୍ଷା ହଲ୍ ଗୁଡିକରେ ସିସିଟିଭି ଲଗାଇଲେ ତାହାର ପୂର୍ଣ୍ଣାଙ୍ଗ ତଥ୍ୟ ଦେବା ଲାଗି କୁହାଯାଇଛି । ଇଂଟରନେଟ୍ ପାୱାର ବ୍ୟାକଅପ୍ ସୁବିଧା ସମ୍ପର୍କରେ ମଧ୍ୟ ଜଣାଇବା ଲାଗି ଉକ୍ତ ଚିଠିରେ କୁହାଯାଇଛି । ପରୀକ୍ଷାର ସମ୍ପୂର୍ଣ୍ଣ ରେକର୍ଡିଂ କରିବାକୁ କଲେଜ ଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି ।
ଅନ୍ୟପକ୍ଷରେ ସେଲଫ୍ ଫାଇନାନ୍ସିଂ କଲେଜ ଗୁଡିକରେ ପ୍ରାକ୍ଟିକାଲ ପରୀକ୍ଷା ସିସିଟିଭି ହଲ୍ ରେ କରିବାକୁ ପରିଷଦ ପକ୍ଷରୁ କୁହାଯାଇଛି ।

## ୩ ମାସରେ ଶେଷ ହେବ ସେସୁ ବିକ୍ରୀ ପ୍ରକ୍ରିୟା

ଭୁବନେଶ୍ୱର, (ପିଏନ)- ସେସୁ ର ବିକ୍ରୀ ପ୍ରକ୍ରିୟା କାର୍ଯ୍ୟ ଆରମ୍ଭ ହୋଇଛି । ୩ ମାସ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହେବ ବୋଲି ରାଜ୍ୟ ଶକ୍ତି ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଓଇଆରସି ଏହାର ବିଭିନ୍ନ ଦିଗ ଉପରେ ତର୍ଜମା କରିବା ପରେ .ଯାହା କିଛି ନିଷ୍ପତି ନେବେ ।
ସୂଚନାଯୋଗ୍ୟ ଯେ ଗତ ଡିସେମ୍ବରରେ ସେଂଟ୍ରାଲ ଇଲେକ୍ଟ୍ରିକ ସପ୍ଲାଏ ୟୁଟିଲିଟି ଅଫ ଓଡ଼ିଶା (ସେସୁ)ର ପରିଚ୍ଛଳନା ଦାୟିତ୍ୱ ଟାଟା ପାୱାର କମ୍ପାନୀ ଲିମିଟେଡ କୁ ଦିଆଯାଇଥିଲା । ଆସନ୍ତା ୨୫ ବର୍ଷ ପାଇଁ ଉକ୍ତ କମ୍ପାନୀକୁ ଲାଇସେନ୍ସ ପ୍ରଦାନ କରାଯାଇଛି । ଟାଟା ପାୱାର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ଏସପିଭି ଗଠନ କରାଯିବ । ଏଥିରେ ଓଡ଼ିଶା ସରକାରଙ୍କ ଅଂଶଧନ ୪୯ ପ୍ରତିଶତ ରହିବ ଏବଂ ଟାଟା ପାୱାର ହାତରେ ୫୧ ପ୍ରତିଶତ ଅଂଶଧନ ରହିବ । ନୂତନ ଭାବେ ଏହାର ପରିଚ୍ଛଳନା କରିବାକୁ କମ୍ପାନୀକୁ କ୍ଷମତା ଦିଆଯାଇଛି ।

## ରାଷ୍ଟ୍ରପତିଙ୍କୁ ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,(ପିଏନ)- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ରାଷ୍ଟ୍ରପତି ଭବନ ଗସ୍ତ କରି ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ସାକ୍ଷାତ୍ କରିବା ସହ ଇଂରାଜୀ ନବବର୍ଷ ୨୦୨୦ର ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ରାଷ୍ଟ୍ରପତି ଶ୍ରୀ କୋବିନ୍ଦଙ୍କ ସହ ବିଭିନ୍ନ ସମସାମୟିକ ବିଷୟରେ ଆଲୋଚନା କରିଥିଲେ ଓ ରାଷ୍ଟ୍ରପତିଙ୍କ ମାର୍ଗଦର୍ଶନ ପ୍ରାପ୍ତ କରିଥିଲେ ।

## ରାଜ୍ୟବ୍ୟାପୀ ପକ୍ଷୀ ଗଣନା ଆରମ୍ଭ

ଭୁବନେଶ୍ୱର, (ପିଏନ)- ରାଜ୍ୟରେ ଥିବା ବିଭିନ୍ନ ବନଖଣ୍ଡ ଓ ଜଳାଶୟରେ ଶୁକ୍ରବାର ପକ୍ଷୀଗଣନା ଆରମ୍ଭ ହୋଇଛି । ଗଣନାରେ ୨୫ ରୁ ଅଧିକ ଟିମ ଓ ୧ ହଜାରରୁ ଅଧିକ ସଦସ୍ୟ ସାମିଲ ରହିଛନ୍ତି । ଅନୁଗୁଳ ସାତକୋଶିଆରେ ୧୦ ଟି ଟିମ ନିୟୋଜିତ ହୋଇଛନ୍ତି । ମହାନଦୀ ରିଭର ସିଷ୍ଟମ ସହ ଶିଶୁ ପଥର ଡ୍ୟାମରେ ପକ୍ଷୀ ଗଣତି ଜାରି ରହିଛି । ମୟୂରଭଞ୍ଜର ଶିମିଳିପାଳ ସଂଲଗ୍ନ ବିଭିନ୍ନ ଜଳାଶୟରେ ପକ୍ଷୀଗଣନା ଆରମ୍ଭ ହୋଇଛି । ସେହିପରି ଆସନ୍ତା ୯ ରୁ ୧୧ କୁମ୍ଭୀର ଗଣନା ହେବ ବୋଲି ସୂଚନା ମିଳିଛି । ଜାନୁଆରୀ ମାସର ପ୍ରଥମ ୨ ସପ୍ତାହ ଯାଏ ପର୍ଯ୍ୟଟକମାନଙ୍କ ପାଇଁ ସାତକୋଶିଆ ଅଭୟାରଣ୍ୟ ବନ୍ଦ ରହିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି ।



ବାଙ୍ଗାଲୋର : କୃଷି ବିଜ୍ଞାନ ବିଶ୍ୱବିଦ୍ୟାଳରେ ୧୦୭ତମ ଭାରତୀୟ ବିଜ୍ଞାନ କଂଗ୍ରେସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

କନ୍ଧମାଳରେ ପୁଣି ମାଓବାଦୀଙ୍କ ବର୍ବର କାଣ୍ଡ

## ପୋଲିସ ଇନଫର୍ମର ସନ୍ଦେହରେ ଘରୁ ଘୋସାରି ନେଇ ଗୁଳିକରି ହତ୍ୟା

କନ୍ଧମାଳ,(ପିଏନ)- କନ୍ଧମାଳରେ ପୁଣି ମାଓବାଦୀଙ୍କ ବର୍ବର କାଣ୍ଡ । କିଛିଦିନର ନୀରବତା ପରେ ପୁଣି ରକ୍ତମୁଖା ହୋଇ ଉଠିଛନ୍ତି ମାଓବାଦୀ ମାନେ । ଗୁରୁବାର ରାତି ୯ଟାରେ ପୋଲିସ ଇନଫର୍ମର ସନ୍ଦେହରେ ୧୦ରୁ ୧୫ ସଶସ୍ତ୍ର ଲାଲବାହିନୀ ଘରୁ ଘୋସାରି ନେଇ ସ୍ତ୍ରୀ ଓ ପିଲାଙ୍କ ସମ୍ମୁଖରେ ରଂଜନ ଦିଗାଲ ନାମକ ଜଣେ ଯୁବକଙ୍କୁ ଗୁଳିକରି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିବା ପରେ ମୃତଦେହକୁ ନିକଟସ୍ଥ ସ୍କୁଲ ସାମ୍ନାରେ ଫୋପାଡି ଚାଲିଯାଇଛନ୍ତି ମାଓବାଦୀ ମାନେ । ମୃତକଙ୍କ ନିକଟରେ ଲାଲବାହିନୀ ଏକ ପୋଷ୍ଟର ମଧ ଛାଡିଯାଇଛି । ଏଥିରେ କେକେବିଏନ ମାଓ ସଂଗଠନ ବୋଲି ଉଲ୍ଲେଖ ରହିଛି । ଏଭଳି ଅମାନବୀୟ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ.ନୂଆଗାଁ ଥାନା ଅର୍ନ୍ତଗତ ଲେଡିଙ୍ଗିଆ ନିକଟସ୍ଥ ବୁର୍ଦ୍ଧାମାହା ଗାଁରେ । ଗ୍ରାମର ଅଙ୍ଗନବାଡି କର୍ମୀଙ୍କ ସ୍ୱାମୀ ରଂଜନ ଦିଗାଲଙ୍କୁ ମାଓବାଦୀ ମାନେ ଏଭଳି ହତ୍ୟା କରିଛନ୍ତି । ମୃତ ରଂଜନଙ୍କ ଘର ବାଲିଗୁଡା ଥାନା ଅର୍ନ୍ତଗତ ରେବିଙ୍ଗିଆ ପଂଚାୟତର ମାର୍ଦ୍ଦୁଳି ଗାଁରେ । ରଂଜନ ଲେଡିଙ୍ଗିଆର ବୁର୍ଦ୍ଧାମାହା ଗ୍ରାମରେ ବିବାହ କରିଥିଲେ । ବର୍ତ୍ତମାନ ସୁଦ୍ଧା ପୋଲିସ ଘଟଣାସ୍ଥଳରେ ପଂହଚି ନାହିଁ । ମାଓ ହମଲା ପରେ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି । କେହି ବି ମୁହଁ ଖୋଲୁନାହାଁନ୍ତି ଭୟରେ । ଏହା ପୂର୍ବରୁ ମାଓବାଦୀ ମାନେ ଟିକିରିପଡା ଅଂଚଳରେ ମଧ ଅଙ୍ଗନବାଡି କର୍ମୀଙ୍କ ସ୍ୱାମୀଙ୍କୁ ପୋଲିସ ଇନଫର୍ମର ସନ୍ଦେହରେ ନିର୍ମମ ଭାବେ ହତ୍ୟା କରିଥିଲେ ଓ ମିଗୁନପଦର ଅଂଚଳରେ ଜଣେ ଠିକାଦାରଙ୍କୁ ମଧ ଗୁଳିକରି ହତ୍ୟା କରିଥିଲେ । ସେହିପରି ନିର୍ବାଚନ ସମୟରେ ୨ଟି ପୁଲିଂ ପାର୍ଟି ଗାଡି ପୋଡିବା ସହ ପାହିରାଜୁ ଅଂଚଳରେ ମହିଳା ପୁଲିଂ କର୍ମଚାରୀଙ୍କୁ ଗୁଳିକରି ହତ୍ୟା କରିଥିଲେ । ଗତ ଏକ ବର୍ଷ ମଧରେ ମାଓବାଦୀ ମାନେ ଜିଲ୍ଲାରେ ୪ଟି ହତ୍ୟାକାଣ୍ଡ ଘଟାଇ ସାରିଲେଣି । ପୋଲିସର କମ୍ବିଂ ଅପରେସନ ଠିକ୍ ଭାବେ ହେଉନଥିବାରୁ ମାଓବାଦୀଙ୍କ ଦବଦବା କ୍ରମଶଃ ବଢିବାରେ ଲାଗିଛି ।

## ଭିଜାଇଲା ବର୍ଷା : ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, (ପିଏନ)- ଦକ୍ଷିଣ-ପଶ୍ଚିମ ରାଜସ୍ଥାନରୁ ଝାଡ଼ଖଣ୍ଡ ପର୍ଯ୍ୟନ୍ତ ସୃଷ୍ଟି ହୋଇଥିବା ଟ୍ରପ୍ ଲାଇନ୍ ପ୍ରଭାବରେ ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଛି । ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୩ଟି ଜିଲ୍ଲାରେ ଘଡଘଡି , ବଜ୍ରପାତ ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା କହିଛି ଭାରତୀୟ ପାଣିପାଗ ବିଭାଗର ଭୁବନେଶ୍ୱରସ୍ଥିତ ଆଂଚଳିକ କେନ୍ଦ୍ର । ଏହାକୁ ଦୃଷ୍ଟିରେ ରଖି ୧୩ଟି ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ମଧ ଜାରି କରାଯାଇଛି ।
ୟେଲୋୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲାଗୁଡ଼ିକ ହେଲା କେନ୍ଦୁଝର, ମୟୂରଭଞ୍ଜ, ଙ୍କୋନାଳ, ଅନୁଗୁଳ, ଭଦ୍ରକ, ବାଲେଶ୍ୱର, ଯାଜପୁର, କୋରାପୁଟ, କଟକ, ଖୋର୍ଦ୍ଧା, ସୋନପୁର, ବୌଦ୍ଧ ଓ ସୁନ୍ଦରଗଡ଼ । ଏହି ସମୟ ମଧରେ ଏହି ସମସ୍ତ ଜିଲ୍ଲାଗୁଡ଼ିକରେ ମଧମରୁ ପ୍ରବଳ ବର୍ଷା ହେବା ସହ କୁଆପଥର ପଡ଼ିବାର ମଧ ସମ୍ଭାବନା ମଧ ରହିଛି । ଏହାବାଦ୍ ରାଜ୍ୟର କନ୍ଧମାଳ, କୋରାପୁଟ, ନୂଆପଡ଼ା ଓ ମାଲକାନଗିରି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ମଧ ସମ୍ଭାବନା ରହିଥିବା ନେଇ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ।
ସେହିପରି ରବିବାର ସକାଳ ୮ଟା ସୁଦ୍ଧା ରାଜ୍ୟର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କେନ୍ଦୁଝର, ଜଗତସିଂହପୁର, ସୁନ୍ଦରଗଡ଼, ଯାଜପୁର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାରେ ମଧ ମଧମ ଧରଣର ବୃଷ୍ଟିପାତ ହେବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ଜାନୁଆରୀ ୫ ତାରଖ ପରେ ରାଜ୍ୟକୁ ପୁଣି ଥରେ ଶୀତ ଲେଉଟିବ । ରାତିର ତାପମାତ୍ରା ଅଧିକାଂଶ ଜିଲ୍ଲାରେ ୪ରୁ ୫ ଡିଗ୍ରି ପର୍ଯ୍ୟନ୍ତ ଖସିଯିବ ଏବଂ ଘନ କୁହୁଡ଼ି ଦୀର୍ଘ ସମୟ ପର୍ଯ୍ୟନ୍ତ ସମଗ୍ର ରାଜ୍ୟକୁ ଢାଙ୍କି ରଖିବ ବୋଲି କହିଛି ଭାରତୀୟ ପାଣିପାଗ ବିଭାଗର ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ।



### ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳମାନଙ୍କୁ ଏସଆରସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, (ପିଏନ)- ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ପାଣିପାଗ ବିଭାଗ ସୂଚନା ଦେଇଛି । ଏହାସହ ତାପମାତ୍ରା କମ୍ ରହୁଥିବାରୁ ଶୀତର ପ୍ରକୋପ ମଧ୍ୟ ବୃଦ୍ଧି ପାଇବ । ତେଣୁ ଏଥିପାଇଁ ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ସହିତ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ବ୍ୟତୀତ ଚାଷୀ ମାନେ ସେମାନଙ୍କ ଫସଲକୁ ଘୋଡାଇ ରଖିବାକୁ ପରାମର୍ଶ ଦିଆଯାଇଛି । ଏସମ୍ପର୍କରେ ଅତିରିକ୍ତ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ ଜେନା ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି । ଏସଆରସି ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ୩ ତାରିଖରୁ ୫ ତାରିଖ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ । ତେଣୁ ଚାଷୀମାନେ ଅମଳ କରିଥିବା ଧାନକୁ ସୁରକ୍ଷିତ ଜାଗାକୁ ସ୍ଥାନାନ୍ତର କରି ଘୋଡାଇ ରଖିବାକୁ ପରାର୍ଶ ଦିଆଯାଇଛି । ବର୍ଷା ଜନିତ କ୍ଷତିରୁ ବର୍ତିବା ପାଇଁ ମଣ୍ଡି ମାନଙ୍କରେ ମଧ୍ୟ ଆବଶ୍ୟକ ପଦକ୍ଷେପ ନିଆଯାଉଛି । ଏହା ବ୍ୟତୀତ ରାତି ସମୟରେ ଆଶ୍ରୟସ୍ଥଳୀ ଓ ସ୍କୁଲ ଗୃହ ଗୁଡିକୁ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଭଦ୍ରକରେ ବସ୍-ଟ୍ରକ୍ ମୁହାମୁହିଁ ଧକ୍କା : ୨ ମୃତ, ୩୦ ଆହତ

ଭଦ୍ରକ, (ପିଏନ)- ଆଜି ଭୋର୍ ପ୍ରାୟ ୩ଟା ସମୟରେ ଭଦ୍ରକ ସହରର ବନ୍ତଛକ ଓଭରବ୍ରିଜ୍ ଠାରେ ଏକ ଘରୋଇ ବସ୍ ଓ ଟ୍ରକ୍ ମଧ୍ୟରେ ମୁହାମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି । ଏବଂ ୨୮ ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବାବେଳେ ୧୦ ଜଣ ଗୁରୁତରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଏହି ଦୁର୍ଘଟଣା ଫଳରେ ଦୀର୍ଘ ସମୟ ଧରି ଜାତୀୟ ରାଜପଥରେ ଗାଡି ଚଳାଚଳ ବନ୍ଦ ରହିଥିଲା । ପରେ କ୍ରେନ୍ ଯୋଗେ ଦୁଇ ଗାଡିକୁ ସ୍ଥାନାନ୍ତର କରାଯିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା ।
ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଧାମନଗରର ମୁଜାହିଦ୍-ଏ-ମିଲ୍ଲତ ର:ଅ: ଙ୍କ ୪୦ତମ ବାର୍ଷିକ ଉର୍ସ୍ ଉତ୍ସବରୁ ଉପହାର ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ପ୍ରାୟ ୪୦ ଜଣ ଯାତ୍ରୀଙ୍କୁ ଧରି ଝିପି ଝିପି ବର୍ଷାରେ ଭଦ୍ରକ ଫେରୁଥିବାବେଳେ ବନ୍ତଛକ ଓଭରବ୍ରିଜ୍ ଉପରେ ମୁହାଁମୁହିଁ ଧକ୍କା ହୋଇଥିଲା । ଏହି ଦୁର୍ଘଟଣା ସମୟରେ ଅନ୍ଧାର ରହିଥିବାରୁ ଯାତ୍ରୀମାନେ ଗାଡି ମଧ୍ୟରୁ ବାହାରକୁ ବାହାରି ପାରିନଥିଲେ । ଖବର ପାଇ ଜିଲା ପୁଲିସ୍ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଧାମନଗର, ଭଣ୍ଡାରିପୋଖରୀ ଓ ଭଦ୍ରକରୁ ଦମକଳ ବାହିନୀ ଓ ଆମ୍ବୁଲାନ୍ସ ମଗାଇ କଟର ଯୋଗେ ବସ୍‌ଟିକୁ କାଟି ମୃତାହତ ଯାତ୍ରୀଙ୍କୁ ବାହାରକୁ କାଢିଥିଲେ । ତେବେ ଦୀର୍ଘ ୩ ଘଣ୍ଟାର ଉଦ୍ୟମ ପରେ ସମସ୍ତ ଯାତ୍ରୀ ଓ ଦୁଇ ଗାଡି ଚାଳକଙ୍କୁ ଉଦ୍ଧାର କରାଯାଇଥିଲା । ମିଳିଥିବା ସୂଚନା ମୂଳେ ଧାମନଗରର ଐତିହାସିକ ଉର୍ସ୍ ପର୍ବରେ ଦୂର ଦୂରାନ୍ତରୁ ବହୁ ଯାତ୍ରୀ ସାମିଲ ହୋଇଥିବାବେଳେ ବାହାର ରାଜ୍ୟର କିଛି ଯାତ୍ରୀ ମଧ ଦୁର୍ଘଟଣାଗ୍ରସ୍ତ ବସ୍‌ରେ ରହିଥିଲେ । ଏହି ବସ୍‌ଟି ବାସୁଦେବପୁର ଅଭିମୁଖେ ଯାଉଥିବାବେଳେ କିଛି ଯାତ୍ରୀ ଚରମ୍ପା ଷ୍ଟେସନରେ ଓହ୍ଲାଇଥାନ୍ତେ ବୋଲି ଜଣାଯାଇଛି । ଉକ୍ତ ବସ୍‌ଟି ଅଧଘଣ୍ଟାର ଯାତ୍ରା କରିବା ପରେ ରାତି ପ୍ରାୟ ୩ଟା ସମୟରେ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଚାଲୁଥିବାରୁ ଗୋଟିଏ ରୁଟ୍‌ରେ ଟ୍ରକ୍‌ଟି ବିପରୀତ ଦିଗରୁ ଆସୁଥିବାବେଳେ ମୁହାଁମୁହିଁ ଧକ୍କା ହୋଇଥିଲା ।ମୃତକ ଦୁଇଜଣ ହେଲେ ଭଦ୍ରକ ସହରର ପୁରୁଣାବଜାର ଥାନା ଅଧୀନସ୍ଥ ମିର୍ଜାପୁରର ସେକ୍ ଜଫିରୁଦ୍ଦିନ୍‌ଙ୍କ ପୁତ୍ର ସେକ୍ ନିଜାମୁଦ୍ଦିନ୍ (୩୨) ଓ ଆନ୍ଧ୍ରପ୍ରଦେଶ ରାଜ୍ୟର ବିଶାଖାପାଟନମ୍ ସ୍ଥିତ ଶିବାଜୀ ପାଲମ୍ ଅଂଚଳର ୪ ସୟଦ ଦସ୍ତଗିରି ସାହେବଙ୍କ ପୁତ୍ର ସୟଦ କାଦ୍ରୀସିବାସା । ଆହତ ଓ ଗୁରୁତରଙ୍କ ମଧ୍ୟରେ ୪ ଜଣ ଶିଶୁ ଓ ୮ ରୁ ଉର୍ଦ୍ଧ୍ୱ ମହିଳା ଥିବାର ଜଣାପଡିଛି । କଟକ ସ୍ଥାନାନ୍ତର ହୋଇଥିବା ଗୁରୁତରଙ୍କ ମଧ୍ୟରେ ବାଲେଶ୍ୱର ଜିଲା ସୋରୋର ସେକ୍ ସବିର (୨୩) ଓ ସେକ୍ ରାଜା (୨୦), କୋଲକାତାର ଜ୍ୟୋତି ତଡପଦାର (୨୬), କଟକର ଏମ୍‌ଡି ଜବିର (୩୨), ଜଗତସିଂପୁରର ଜାଲିଲ୍ ଖାନ୍ (୬୫) ଓ ଆବାସ ଅଲ୍ଲୀ ଖାନ୍ (୬୫), ବିଶାଖାପାଟନମ୍‌ର ଇର୍ଚ୍ଛୁରସିଦ୍ (୪୪) ଓ ସାହେଦ୍ ଖାନ୍ (୩୩) ରହିଛନ୍ତି । ଏହି ଦୁର୍ଘଟଣାର ଖବର ପାଇ ଭଦ୍ରକ ଜିଲାପାଳ ଜ୍ଞାନ ଦାସ, ଉପଜିଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲା ଆରକ୍ଷୀ ଅଧିକ୍ଷକ ରାଜେଶ ପଣ୍ଡିତ, ସାଂସଦ ମଂଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ସମସ୍ତ ଆହତ ଓ ଗୁରୁତରଙ୍କୁ ରେଡ୍‌କ୍ରସ୍ ପକ୍ଷରୁ ସହାୟତା ଯୋଗାଇ ଦିଆଯିବା ସହ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି ସୂଚନା ଦେଇଥିଲେ । ପରବର୍ତ୍ତୀ ସମୟରେ ଭଦ୍ରକର ମୃତ ସେକ୍ ନିଜାମୁଦ୍ଦିନ୍‌ଙ୍କ ପରିବାର ଓ ଆତ୍ମୀୟମାନେ ୫ ଲକ୍ଷ ଟଙ୍କା ସହାୟତା ଦାବିରେ ମୃତଦେହକୁ ଡାକ୍ତରଖାନା ସମ୍ମୁଖରେ ରଖି ରାସ୍ତା ଅବରୋଧ କରିଥିଲେ । ତେବେ ଜିଲା ଯୋଜନା ବୋର୍ଡ ବୈଠକରେ ଯୋଗଦେଇଥିବା ଜିଲାପାଳ ଓ ଭଦ୍ରକ ବିଧାୟକ ଖବର ପାଇ ସେଠାରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣର ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା । ଅପରପକ୍ଷେ ପରମିଟ୍ ଠାରୁ ଅଧିକ ଲୋଡିଂ ଆଣିଥିବା ବସ୍ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଆରକ୍ଷୀ ଅଧିକ୍ଷକଙ୍କ ପକ୍ଷରୁ କୁହାଯାଇଛି । ଏହି ଦୁର୍ଘଟଣାରେ ସହରାଞ୍ଚଳ ଥାନାରେ ଏକ ମାମଲା ରୁଜୁ ହୋଇ ମୃତ ଦୁଇଜଣଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି ।

## ଗୃହ ନିର୍ମାଣ କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ଉତ୍ସାହିତ କରାଯିବ : ମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ଗୃହ ନିର୍ମାଣ କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ଉତ୍ସାହିତ କରାଯିବା ସହିତ ରାଜ୍ୟ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ । କ୍ରେଡାଇର ସଦସ୍ୟମାନଙ୍କସହିତ ଆଲୋଚନା ଅବସରରେ ଏହା କହିଛନ୍ତି ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା । କ୍ରେଡାଇର ଏକ ପ୍ରତିନିଧିମଣ୍ଡଳୀ ଆଜି ମନ୍ତ୍ରୀ ଶ୍ରୀ ଜେନାଙ୍କୁ ଭେଟି ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଗୃହ ଯୋଜନା ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଛନ୍ତି । ଉନ୍ନତି ଭବନ ଠାରେ ଅନୁଷ୍ଠିତ ବୈଠକରେ ବିଭାଗୀୟ ପ୍ରମୁଖ ସଚିବ ଜି ମାଥିଭାଥନନ, ବିଏମସି କମିଶନର ପ୍ରେମ ଚନ୍ଦ୍ର ଚୌଧୁରୀ, କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚଇନି, ରେରାର ଅଧକ୍ଷ ଅମୀୟ କୁମାର ଚୌଧୁରୀ ଏବଂ ବିଡିଏ ଓ ସିଡିଏର ପଦାଧିକାରୀମାନେ ଉପସ୍ଥିତ ଥିଲେ । ଆଲୋଚନା କାଳରେ କ୍ରେଡାଇ ସଦସ୍ୟମାନେ ରିୟଲ ଇଷ୍ଟେଟ ରେଗୁଲାଟରୀ ଅଥରିଟୀ ଆଇନ୍ (ରେରା) -୨୦୧୬ ଏବଂ ଓଡିଶା ରିୟଲ ଇଷ୍ଟେଟ ରେଗୁଲାଟରୀ ଅଥରିଟୀ (ଓରେରା) ନିୟମ ୨୦୧୭ ଅନୁଯାୟୀ ଗୃହ ନିର୍ମାଣ କ୍ଷେତ୍ରରେ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥି ସହିତ ଗୃହ ନିର୍ମାଣ ପାଇଁ ବର୍ତମାନ ଆଦାୟ ହେଉଥିବା ସେସ୍ ଓ ପୌର ଦେୟ ହ୍ରାସ ଲାଗି ଦାବି କରିଥିଲେ । ସମସ୍ତ ପ୍ରକଳ୍ପ ଲାଗି ଏକକ ବାତାୟନ ବ୍ୟବସ୍ଥା (ସିଙ୍ଗଲ ୱିଣ୍ଡୋ) କରିବା, ଧାର୍ଯ୍ୟ ସମୟ ମଧ୍ୟରେ ଅଧିଗ୍ରହଣ ପ୍ରମାଣପତ୍ର, ଓଟିଡିଆର ୨୦୧୫ ନିୟମରେ ପରିବର୍ତନ, ସର୍ବକ୍ଷମା ଯୋଜନା, ସମସ୍ତ ସହରାଂଚଳ ପାଇଁ ଗୃହ ନିର୍ମାଣ ନୀତି, ପ୍ରକଳ୍ପ ଗୁଡିକର ଅନୁମୋଦନ, ଓରେରା ଚୁକ୍ତି ଅନୁଯାୟୀ ବିକ୍ରି ବ୍ୟବସ୍ଥା ଆଦିର ପରିବର୍ତନ ଓ ସରଳୀକରଣ ଆଦି ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ସଦସ୍ୟମାନଙ୍କ ମତାମତ ଶୁଣିବାପରେ ମନ୍ତ୍ରୀ ଶ୍ରୀ ଜେନା କହିଥିଲେ ଯେ ଉପସ୍ଥାପିତ ହୋଇଥିବା ସମସ୍ୟା ଓ ମତାମତ ଉପରେ ଖୁବ ଶୀଘ୍ର ତର୍ଜମା କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । ଗୃହ ନିର୍ମାଣ କ୍ଷେତ୍ରରେ ରାଜ୍ୟରେ କିଭଳି ଅଧିକରୁ ଅଧିକ ପୁଞ୍ଜି ବିନିଯୋଗ ହେବ ସେଥିନେଇ ସରକାର ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବେ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଥିଲେ ।

## ୫ରୁ ସର୍ବସାଧାରଣଙ୍କ ପାଇଁ ଖୋଲିବ ରାଜଭବନ ଉଦ୍ୟାନ

ଭୁବନେଶ୍ୱର, (ପିଏନ)- ଆସନ୍ତା ୫ ତାରିଖରୁ ଭୁବନେଶ୍ୱରସ୍ଥିତ ରାଜଭବନ ଉଦ୍ୟାନ ସର୍ବସାଧାରଣ ଓ ଛାତ୍ରଛାତ୍ରୀଙ୍କ ପାଇଁ ଖୋଲିବ । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏଥିପାଇଁ ଆବଶ୍ୟକୀୟ ଅନୁମତି ପ୍ରଦାନ କରିଛନ୍ତି । ଏହି କ୍ରମରେ ସର୍ବସାଧାରଣ ଜାନୁଆରୀ ୫ ତାରିଖରୁ ଜାନୁଆରୀ ୨୦ ତାରିଖ ପର୍ଯ୍ୟନ୍ତ ରବିବାର ଓ ଛୁଟିଦିନ ସହିତ ପ୍ରତ୍ୟହ ଅପରାହ୍ନ ୨.୩୦ଟାରୁ ୫ଟା ମଧ୍ୟରେ ରାଜଭବନ ଉଦ୍ୟାନ ପରିଦର୍ଶନ କରିପାରିବେ । ସେହିପରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅନୁରୋଧ ଆଧାରରେ ଛାତ୍ରଛାତ୍ରୀମାନେ ଜାନୁଆରୀ ୬ ତାରିଖରୁ ଜାନୁଆରୀ ୨୧ ତାରିଖ ପର୍ଯ୍ୟନ୍ତ ରବିବାର ବ୍ୟତୀତ ପ୍ରତ୍ୟହ ସକାଳ ୮.୩୦ ରୁ ୧୦ଟା ମଧ୍ୟରେ ଉଦ୍ୟାନ ବୁଲି ଦେଖିପାରିବେ । ଏଥି ନିମନ୍ତେ ବିଦ୍ୟାଳୟ କର୍ତ୍ତୃପକ୍ଷ ରାଜ୍ୟପାଳଙ୍କ ଏଡ଼ିସି କିମ୍ବା ରାଜଭବନ ନିରାପତା ଦାୟିତ୍ୱରେ ଥିବା ଏସିପିଙ୍କୁ ସେମାନେ ଅନୁରୋଧ ପତ୍ର ପ୍ରେରଣ କରିବାକୁ କୁହାଯାଇଛି । ନିର୍ଦ୍ଧାରିତ ସମୟ ନିର୍ଘଂଟ ମଧ୍ୟରେ ରାଜଭବନ ମଧ୍ୟକୁ ଭିଡ଼ମୁକ୍ତ ହୋଇ ସହଜରେ ପ୍ରବେଶ କରିବା ପାଇଁ ରାଜଭବନ ପକ୍ଷରୁ 'ରାଜଭବନ ଓଡ଼ିଶା' ନାମରେ ଏକ ମୋବାଇଲ୍ ଆପ୍ ପ୍ରସ୍ତୁତ କରାଯାଇଛି ଯାହା ଗୁଗୁଲ୍ ପ୍ଲେ ଷ୍ଟୋରରେ ଆଣ୍ଡ୍ରଏଡ଼ ଫୋନ୍ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ ହେବ । ଏହି ମୋବାଇଲ୍ ଆପ୍ ବ୍ୟବହାର କରି ଆଣ୍ଡ୍ରଏଡ଼ ଫୋନ୍ ବ୍ୟବହାରକାରୀମାନେ କ୍ୟୁଆର କୋଡ଼ ପ୍ରବେଶ ପତ୍ର ସେମାନଙ୍କ ସ୍ମାର୍ଟଫୋନ୍‌ରେ ପ୍ରସ୍ତୁତ କରିପାରିବେ ଯାହା ରାଜଭବନ ମୁଖ୍ୟ ଫାଟକରେ ସ୍କାନିଂ ଦ୍ୱାରା ଭିଡ଼ମୁକ୍ତ ହୋଇ ପ୍ରବେଶ କରିପାରିବେ । ତଥାପି ରାଜଭବନ ଅଭ୍ୟର୍ଥନା ପ୍ରକୋଷ୍ଠ ନିକଟରେ ରେଜିଷ୍ଟାର ମାଧ୍ୟମରେ ହାତଦ୍ୱାରା ପ୍ରସ୍ତୁତ ପ୍ରବେଶ ପତ୍ର ସର୍ବସାଧାରଣଙ୍କ ନିମନ୍ତେ ଉପଲବ୍ଧ ରହିବ । ରାଜଭବନ ମଧ୍ୟକୁ ଟିଫିନ୍ ବାକ୍ସ, ଖାଦ୍ୟ ପୁଡ଼ିଆ, ପାଣି ବୋତଲ ଏବଂ କ୍ୟାମେରା ନ ଆଣିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି । ରାଜଭବନ ଉଦ୍ୟାନକୁ ପରିଷ୍କାର ରଖିବା ସହିତ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ଦାୟିତ୍ୱ ନିର୍ବାହରେ ସହଯୋଗ କରିବାକୁ ମଧ ଅନୁରୋଧ କରାଯାଇଛି । ରାଜଭବନର ସବୁଜ ଲନ୍, ହରିଣ ଉଦ୍ୟାନ, ସଂଗୀତମୟ ଝରଣା, ଖୋଲା ଆକ୍ୱାରିୟମ୍ ଏବଂ ପକ୍ଷୀ ଏନ୍‌କ୍ଲୋଜର ସର୍ବସାଧାରଣଙ୍କ ପାଇଁ ଆକର୍ଷଣର କେନ୍ଦ୍ର । ଏକ ରଙ୍ଗୀନ ପରିପାଟୀରେ ରାଜଭବନ ଉଦ୍ୟାନ ସବୁ ବୟସର ଜନସାଧାରଣଙ୍କୁ ସ୍ୱାଗତ କରିବା ନିମନ୍ତେ ଆଗ୍ରହର ସହିତ ଅପେକ୍ଷା କରିଛି ।

ଅଢଙ୍ଗା ଗ୍ରାମରେ ଦିବାକର ଦାସ ସ୍ମାରକୀ ପାଠାଗାରର ଲୋକାର୍ପଣ କଲେ ମନ୍ତ୍ରୀ ରଘୁନନ୍ଦନ ଦାସ

## ଗ୍ରାମାଂଚଳରେ ନୂତନ ପାଠାଗାର ସ୍ଥାପନର ଗୁରୁତ୍ୱ ରହିଛି : ମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଗତକାଲି ସଂଧ୍ୟାରେ ବାଲିକୁଦା ବ୍ଲକର ଅଢଙ୍ଗା ଗ୍ରାମସ୍ଥିତ "ଦିବାକର ଦାସ ସ୍ମାରକୀ ପାଠାଗାର" ଲୋକାର୍ପିତ କରିଛନ୍ତି ।
ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ, ଏହି ଭଳି ପାଠାଗାର ସ୍ଥାପନ ଗ୍ରାମାଂଚଳରେ ପାଠାଗାର ଆନ୍ଦୋଳନକୁ ଉତ୍ସାହିତ କରିବ । ଏ ଦିଗରେ ବିଭିନ୍ନ ଅଂଚଳର ଜନପ୍ରତିନିଧି ଓ ଆଗ୍ରହୀ ବ୍ୟକ୍ତିମାନେ ଆଗେଇ ଆସିବାକୁ ମନ୍ତ୍ରୀ ଶ୍ରୀ ଦାସ ଗୁରୁତ୍ୱାରୋପ କରିଥିଲେ । ଘରୋଇ ଉଦ୍ୟମରେ ସ୍ଥାପିତ ଏହି ପାଠାଗାରର ଉଦ୍‌ଘାଟନୀ ଦିବସରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ଏଥିରେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ବରଦା ପ୍ରସନ୍ନ ଦାସ ଯୋଗଦେଇ କହିଲେ ଯେ, ପାଠାଗାର ଜ୍ଞାନ ବୃଦ୍ଧିରେ ସହାୟକ ହୋଇଥାଏ । ତତ୍ ସହିତ ଆଧ୍ୟାତ୍ମିକ ପୁସ୍ତକ ଓ ପୁରାତନ ପୁସ୍ତକର ଅଧ୍ୟୟନ ଦ୍ୱାରା ସମାଜ ଅଧିକ ଶୃଙ୍ଖଳିତ, ଶିକ୍ଷିତ ହୋଇପାରିବ ବୋଲି ଶ୍ରୀ ଦାସ କହିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦାସ ପାଠାଗାରର ସ୍ମରଣିକା "ସ୍ମୃତି ଅର୍ଘ୍ୟ"କୁ ଉନ୍ମୋଚନ କରିଥିଲେ ।
ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ବିଜେବି କଲେଜର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ସମ୍ମାନନୀୟ ବକ୍ତା ଭାବେ ପ୍ରଫେସର ଯୁଧିଷ୍ଠିର ଖଟୁଆ , ସମ୍ମାନିତ ଅତିଥି ଭାବେ ବାଲିକୁଦା ପଂଚାୟତ ସମିତି ଅଧ୍ୟକ୍ଷ ଶ୍ରୀମତୀ ମଧୁସ୍ମୃତି ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦିବାକର ଦାସଙ୍କ ସ୍ମୃତି ଚାରଣ କରିବା ସହିତ ପାଠାଗାରର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅଢଙ୍ଗା ପଂଚାୟତ ସମିତି ସଭ୍ୟ ଶ୍ରୀ ଜଟାଧାରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ସଭାରେ ବହୁ ସଂଖ୍ୟାରେ ଜନସାଧାରଣ, ପାଠକ ପାଠିକା, ଶିକ୍ଷକ ଓ ଜନପ୍ରତିନିଧି ଯୋଗଦାନ କରିଥିଲେ ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଡକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଡକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

9853400829 (M), Fax: 0674-2550504
E-mail: editorpbkc@gmail.com












# ଅସରାଏ ବର୍ଷାରେ ରାସ୍ତାରେ ବର୍ଷାପାଣି, ଜଳନିଷ୍କାସନ ସମସ୍ୟା

ଯୋଡା,୩/୧(ପିଏନ)- ଯୋଡା ଓ ଏହାର ଆଖପାଖ ଅଞ୍ଚଳର ରାସ୍ତା ଉପରେ ଜମୁଥିବା ଅଦିନିଆ ବର୍ଷା ହେଉ କିମ୍ବା ବର୍ଷାଦିନରେ ପାଣିକୁ ନେଇ ସମସ୍ୟା ଦୀର୍ଘଦିନରୁ ଲାଗି ରହୁଥିଲେ ମଧ୍ୟ ଜଳନିଷ୍କାସନ କ୍ଷେତ୍ରରେ ପୌରପାଳିକା ପକ୍ଷରୁ ଏଯାବତ୍ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନଥିବାରୁ ଦିନକୁ ଦିନ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗୁଛି । ଅସରାଏ ବର୍ଷା ହେଲେ ଯୋଡା ଷ୍ଟେଟ ବ୍ୟାଙ୍କ ନିକଟ କୁନ୍ଦୁରୁନାଲା ବସ୍ତିକୁ ଯିବା ରାସ୍ତା, ବସଷ୍ଟାଣ୍ଡରୁ ତଳ ମାର୍କେଟକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ସୁନାନଦୀ ପୋଲ, କମାର ଯୋଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ରାଧାକୃଷ୍ଣ ମନ୍ଦିର ପାର୍ଶ୍ୱବର୍ତ୍ତୀ ହଟିଂ ରାସ୍ତା ସହ ଯୋଡା ପୌରପାଳିକା ଅନ୍ତର୍ଗତରେ ଆସୁଥିବା ୧୪ ଗୋଟି ୱାର୍ଡରେ କେଉଁଠି ନା କେଉଁଠି ଜଳନିଷ୍କାସନ ବ୍ୟବସ୍ଥା ବିପର୍ଯ୍ୟସ୍ତ ଥିବାରୁ ବର୍ଷା ସମୟରେ ରାସ୍ତାରେ ଜମୁଥିବା ପାଣିକୁ ନେଇ ସ୍ଥାନୀୟ ଜନସାଧାରଣ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ରାସ୍ତା ଉପରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ୱାର୍ଡବାସୀ ଯାତାୟତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଦୃଷ୍ଟିଗୋଚର ହୋଇଛି । ରାସ୍ତା ଉପରେ ବର୍ଷାପାଣି ଜମି ରହିବା ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ଡ୍ରେନେଜ ବ୍ୟବସ୍ଥା ସୁଦୃଢ ନଥିବା ହେତୁ ଅଦିନିଆ ବର୍ଷା ହେଉ ଅବା ବର୍ଷାଋତୁରେ ଏହି ସମସ୍ୟା ସୁଧୁରିବା ପରିବର୍ତ୍ତେ ଅଧିକ ଜଟିଳ ପରିସ୍ଥିତି ସୃଷ୍ଟି କରୁଛି । ଯୋଡା ସହରାଞ୍ଚଳରେ ପ୍ରମୁଖ ସମସ୍ୟା ଭିତରେ ଏବେ ବଡ ସମସ୍ୟା ରୂପେ ଠିଆ ହୋଇଛି ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା । ଜଳ ନିଷ୍କାସନ କୌଣସି ସୁବ୍ୟବସ୍ଥା ନଥିବା ହେତୁ ଏହି ବର୍ଷା ଜଳ ନିଷ୍କାସନ ହୋଇନପାରି ଜମା ରହୁଥିବା ଫଳରେ ସାଧାରଣ ଜନତା ଗମନାଗମନ ବାଧା ସୃଷ୍ଟି ହେଉଛି । ଯୋଡା ପୌରାଞ୍ଚଳର ଅଧିକାଂଶ ୱାର୍ଡ ଗୁଡିକରେ ଏଭଳି ସମସ୍ୟା ଲାଗି ରହିଥିଲେ ସୁଦ୍ଧା ପୌର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନେଉଥିବା ହେତୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ସେପଟେ ଯୋଡା ପୌରପାଳିକା ପୁରସ୍କାର ନେଇ ବାହା ବାହା ନେଉଥିବାବେଳେ ଏପଟେ ଜଳ ନିଷ୍କାସନର ସମସ୍ୟା ଭଗୁଛନ୍ତି ଯୋଡା ବାସିନ୍ଦା । ଯୋଡା ସହର ଏକ ପାର୍ବତ୍ୟ ଢାଲୁ ଅଞ୍ଚଳ ହୋଇଥିବା ସତ୍ତ୍ୱେ ରାସ୍ତାଘାଟରେ ପାଣି ଜମି ରହିବା ଘଟଣା ସହଜରେ ଏଠାକାର ଜନସାଧାରଣଙ୍କୁ ହଜମ ହେଉନାହିଁ । ରାସ୍ତା ନିର୍ମାଣ ସମୟରେ ଭୁଲ ପ୍ଲାନିଙ୍ଗ ହେଉ କିମ୍ବା ଡ୍ରେନ ନିର୍ମାଣ ନେଇ କୌଣସି ଯୋଜନା ନଥିବାରୁ ବର୍ଷା ସମୟରେ ଏକପ୍ରକାର ସମସ୍ୟା ସୃଷ୍ଟି ହେଉଛି ବୋଲି ବିଶେଷଜ୍ଞ ମାନେ ମତପୋଷଣ କରିଛନ୍ତି । ଏସଂକ୍ରାନ୍ତରେ ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ସମ୍ପୃକ୍ତ ରାସ୍ତ ପାର୍ଶ୍ୱବର୍ତ୍ତୀ ସ୍ଥାନରେ କିଛି ଜମି ବିବାଦ ଲାଗି ରହିଥିବାରୁ ଡ୍ରେନ ନିର୍ମାଣ ହୋଇପାରି ନାହିଁ । ଜମି ମାଲିକମାନଙ୍କ ସହ କଥାବାର୍ତ୍ତା ଜାରି ରହିଛି । ଖୁବଶୀଘ୍ର ସମାଧାନ ହେବା ପରେ ଏସମସ୍ୟାର ସମାଧାନ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । ଆଗକୁ ବର୍ଷଋତୁ ଆସିଲେ ଯୋଡା ପୌରପାଳିକାର ୧୪ ଟି ୱାର୍ଡ ର କିଛି ସ୍ଥାନର ବର୍ଷା ପାଣି ଡ୍ରେନ ମାଧ୍ୟମରେ କେବେ ଯିବ ଚାହିଁ ବସିଛନ୍ତି ଯୋଡା ବାସୀ ।


Ph. No.(06794)222054 | Fax- 06794 222054

**OFFICE OF THE MUNICIPAL COUNCIL: RAIRANGPUR**

**No.05/ dt.02.01.2020**

**QUOTATION CALL NOTICE**

Sealed quotations in printed forms are invited from the authorized / register firms having required valid certificates i.e. I.T., GST clearance & PAN Card for supply of the following sanitation materials to Rairangpur Municipality for office Sanitation use only. The quotations should reach the undersigned on or before 13.01.2020 at 1PM and no quotations will be entertained beyond the stipulated period. The quotations will be opened on 13.01.2020 at 3PM in the presence of the quotationers or their authorized representatives.

The quotationer should clearly mention all the terms and conditions specifications in their quotations.

No transportation charges will be paid by this office.

The undersigned reserves the rights to reject any or all the quotations without assigning any reason thereof.

| Sl.No. | Items | Rate / Pc. |
|---|---|---|
| 1 | Bleaching Powder | Per 25kgs. Pkt.(A Grade) |
| 2 | Malaria Oil | 200ltr. Drum |

Sd/-
Executive Officer,
Rairangpur Municipality


# ଟ୍ରକ ମାଲିକ ସଂଘର ନବବର୍ଷର ବନ୍ଧୁ ମିଳନ



ଚଣ୍ଡିଖୋଲ, ୦୩/୦୧(ପିଏନ)- ଚଣ୍ଡିଖୋଲ ସନ୍ନକଟ ଧର୍ମଶାଳା ଭବନ ଠାରେ ଚଣ୍ଡିଖୋଲ, ଧର୍ମଶାଳା, ଯାଜପୁର, ଓ ସୁକିନ୍ଦା ଟ୍ରକ ମାଲିକ ସଂଘର ଏକ ବନ୍ଧୁମିଳନ ଚଣ୍ଡିଖୋଲ ଓ ଧର୍ମଶାଳା ଟ୍ରକ ମାଲିକ ସଂଘ ସଭାପତି ସୁର୍ଯ୍ୟମଣୀ ବେହୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବନ୍ଧୁ ମିଳନରେ ଫାଷ୍ଟ କମ ଫାଷ୍ଟ ଲୋଡ କାର୍ଯ୍ୟକୁ ସ୍ୱାଗତ କରିବା ସହିତ ଟ୍ରକ ମାଲିକ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଲୋଡିଂରେ ଅବ୍ୟବସ୍ଥା, ଠିକାଦାରଙ୍କ ଦ୍ୱାରା ଗାଡ଼ି ଭଡ଼ା ଦେବାରେ ବିଳମ୍ବ ଓ ଟ୍ରକ ମାଲିକ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନରେ ପ୍ରଶାସନିକ ସ୍ତରରେ ସମାଧାନ ଉପରେ ଆଲୋଚନା ହୋଇଥିଲା । ଚଣ୍ଡିଖୋଲ ଧର୍ମଶାଳା ଟ୍ରକ ମାଲିକ ସଂଘର ସଂପାଦକ ସୁରେଶ ଚନ୍ଦ୍ର ସାହାଣୀଙ୍କ ସଂଯୋଜନାରେ ଆୟୋଜିତ ବନ୍ଧୁ ମିଳନରେ ସୁକିନ୍ଦା ଟ୍ରକ ମାଲିକ ସଂଘର ସଭାପତି ଅରୁଣ କୁମାର ପରିଡ଼ା, ପୂର୍ବତନ ସଭାପତି ଶୈଳେନ୍ଦ୍ର ନାୟକ, ଶଶାଙ୍କ ଶେଖର ରାଉତ, ବରିଷ୍ଠ ସଭ୍ୟ ସନ୍ତୋଷ କୁମାର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ସାମଲ, ଦିଲିପ କୁମାର ମଲିକ, ବିଜୟ କୁମାର ମହାନ୍ତି, ରାଜକିଶୋର ପ୍ରଧାନ, ସନ୍ତୋଷ କୁମାର ମହାନ୍ତି, ଅଶୋକ କୁମାର ନାୟକ, ପ୍ରଦୀପ ବଳଙ୍କ ସମେତ ଗୋଲଖି ଦେଓ, ଲିଟୁନି ପାତ୍ର, ଅନ୍ନଦା ଚନ୍ଦ୍ର ବଳ, କରୁଣାକର ମାହାଲା, ସେକ ତୋଫାନୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିବା ସହ ଉପସ୍ଥିତ ସମସ୍ତ ସଭ୍ୟ ମାନଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇ ସମସ୍ତ ଟ୍ରକ ମାଲିକ ମାନଙ୍କର ଶୁଭକାମନା କରିଥିଲେ । ଶେଷରେ ବରିଷ୍ଠ ସଭ୍ୟ ପ୍ରଶାନ୍ତ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାମ୍ବାଦିକ ଅନିରୁଦ୍ଧଙ୍କ ଶୋକରେ ମହମବତୀ ଶୋଭାଯାତ୍ରା

ଚଣ୍ଡିଖୋଲ ୩/୧(ପିଏନ)-ସାମ୍ବାଦିକ ସ୍ୱର୍ଗତ ଅନିରୁଦ୍ଧ ସାମନ୍ତରାୟଙ୍କ ଅକାଳ ବିୟୋଗରେ ଆଜି ସନ୍ଧ୍ୟାରେ ଚଣ୍ଡିଖୋଲ ଛକ ବୁଦ୍ଧ ମୁର୍ତ୍ତୀ ନିକଟରେ ଚଣ୍ଡିଖୋଲ ବିକାଶ ପରିଷଦ ପକ୍ଷରୁ ଏକ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଭ୍ୟମାନେ ଓ ସ୍ଥାନୀୟ ଅଞ୍ଚଳର ବହୁ ଯୁବକ ମାନେ ଜଳନ୍ତା ମହମବତୀ ଧରି ଅନିରୁଦ୍ଧଙ୍କ ଆତ୍ମାର ସଦଗତି କାମନା କରି ବଜାର ପରିକ୍ରମା କରି ବୁଦ୍ଧ ମୁର୍ତ୍ତୀ ନିକଟରେ ଏକ ଶୋକ ସଭା କିର୍ତ୍ତୀରାଜ ସ୍ୱାଇଁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଅସ୍ଥାୟୀ ବ୍ୟବସାୟୀ ସଂଘର ସଂପାଦକ ସଂଜୟ ସ୍ୱାଇଁ, ନାଏବ ସରପଞ୍ଚ ମସିର ଆଲାମ, ସାମ୍ବାଦିକ ସମରେନ୍ଦ୍ର ମାହାଲା, ଅବିନାଶ ମହାପାତ୍ର, ସନ୍ତୋଷ କୁମାର ସାହୁ, ଉତ୍ତମ ମହାନ୍ତି , ମୋହନ ଖିଲାର, କୈଳାସ ସାମଲ, ହେମନ୍ତ ଜେନା, ପ୍ରସନ୍ନ ବିଶ୍ୱାଳ, ଅବିନାଶ ଜେନା, ପବନେଶ୍ୱର ଜେନା, ରବିନ୍ଦ୍ର ରାଉତ, ଜିତେନ୍ଦ୍ର ସ୍ୱାଇଁ ପ୍ରମୁଖ ଉଦବୋଧନ ଦେଇ ଅନିରୁଦ୍ଧଙ୍କ ଜୀବନର ସମସ୍ତ ଗାଥା ପ୍ରକାଶ କରି ଅନିରୁଦ୍ଧଙ୍କ ଅମର ଆତ୍ମା ର ସଦଗତି କାମନା କରିବା ସହ ତାଙ୍କ ପରିବାରକୁ ଭଗବାନ ସହାୟ ହୁଅନ୍ତୁ ବୋଲି ବକ୍ତା ମାନେ ମତ ପୋଷଣ କରିଥିଲେ । ଶେଷରେ ଅନୁଷ୍ଠାନର ସଭ୍ୟ ମୃତ୍ୟୁଞ୍ଜୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରୟାସ ପକ୍ଷରୁ ସାମ୍ବାଦିକ ଅନିରୁଦ୍ଧ ସାମନ୍ତରାୟଙ୍କ ଶ୍ରଦ୍ଧାଞ୍ଜଳି ସଭା



ବଡଚଣା ୩/୧(ପି.ଏନ.)- ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର, ପରିବେଶବିତ, ତୃତୀୟପାଦ ମାସିକ ସମ୍ବାଦପତ୍ରର ସମ୍ପାଦକ ଅନିରୁଦ୍ଧ ସାମନ୍ତରାୟଙ୍କ ଅକାଳ ବିୟୋଗରେ ଚଣ୍ଡିଖୋଲର ଅଗ୍ରଣି ଅନୁଷ୍ଠାନ ପ୍ରୟାସ ସଂଗଠନ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଚଣ୍ଡିଖୋଲ ପ୍ରେସକ୍ଲବ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା । ଅନୁଷ୍ଠାନର ସଭାପତି ଆଶିଷ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି, ସାମ୍ବାଦିକ ଓ ବୁଦ୍ଧିଜୀବୀ ଯୋଗ ଦେଇ ସ୍ୱର୍ଗତ ଅନିରୁଦ୍ଧଙ୍କ ସ୍ମୃତିଚାରଣ କରିଥିଲେ । ସଭା ପୂର୍ବରୁ ଫଟୋ ଚିତ୍ରରେ ଶ୍ରଦ୍ଧାର୍ଘ୍ୟ ଅର୍ପଣ କରାଯିବା ସହ ୨ ମିନିଟି ନୀରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତ ସାମନ୍ତରାୟ ଆର୍ଥିକ ଦୁସ୍ଥିତିରେ ରହିଥିଲେ ମଧ୍ୟ ପ୍ରଚଣ୍ଡ ସ୍ୱାଭିମାନୀ ଥିଲେ । କୌଣସିଥିରେ ସାଲିସ ନକରି ନିଜର ଚିନ୍ତାଧାରା ଓ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ସେ ସର୍ବଦା ସାମ୍ବାଦିକତା କରି ସମସ୍ତଙ୍କର ପ୍ରିୟ ଭାଜନମ ହୋଇପାରିଥିଲେ । ଏହି ସଭାରେ ଚଣ୍ଡିଖୋଲ ଅଗ୍ନିଶ୍ରମ ଅଧିକାରୀ ପ୍ରଭାକର ସାହୁ, ହୋଲି ଜେସସ ସ୍କୁଲର ଅଧକ୍ଷା ଶ୍ରୀମତୀ କାମିନୀ ନାୟକ, ଚଣ୍ଡିଖୋଲ ଓକିଲ ସଂଘ ସଂପାଦକ ଉଦୟନାଥ ସାହୁ, ସରକାରୀ ଓକିଲ ଦେବରାଜ ବେହେରା, ଉତ୍କଳ ସାମ୍ବାଦିକ ସାଧାରଣ ସଂପାଦକ ବେଣୁଧର ପଣ୍ଡା, ବରିଷ୍ଠ ସାମ୍ବାଦିକ ଶିବରାମ ସାହୁ, ହେମସ ଜେନା, ପ୍ରସନ୍ନ ବିଶ୍ୱାଳ, ଅଭିମନ୍ୟୁ ଧଳ, ବସନ୍ତ କୁମାର ପଲେଇ, ସୁରେନ୍ଦ୍ର ସାମଲ, ପ୍ରମୋଦ ଜେନା, ପବିତ୍ର ସାମଲ, ମାନସ ରାଉତ, ମନୋରଞ୍ଜନ ଜେନା, ଶୁଶାନ୍ତ ନାୟକ, ପ୍ରତାପ ଚନ୍ଦ୍ର ଗୋଚ୍ଛାୟତ, ଭବତୋଷ ବିଶ୍ୱାଳ ପ୍ରମୁଖ ସ୍ୱର୍ଗତ ସାମନ୍ତରାୟଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରୟାସ ସଂଗଠନର ସଂପାଦକ ସାମ୍ବାଦିକ ଭାରତ ଭୂଷଣ ପଣ୍ଡା ସ୍ମୃତି ଚାରଣ କରି ଅନିରୁଦ୍ଧଙ୍କ ପରିବାରର ଥଇଥାନ ପାଇଁ ଏକ ପ୍ରସ୍ତାବ ଆଗତ କରିଥିଲେ ।

# ଆବାସ ଯୋଜନା ପାଇଁ ନୂଆ ବିଜ୍ଞପ୍ତି ଜାରି ପରେ ବଡଚଣାରୁ ବାଦ ପଡିବେ ବହୁ ଅଯୋଗ୍ୟ ହିତାଧିକାରୀ

ବଡଚଣା, ୩/୧(ପି.ଏନ)-ସାଧାରଣ ଲୋକଙ୍କୁ କଚାଘର ବଦଳରେ ପକ୍କାଘର ଯୋଗାଇ ଦେବାପାଇଁ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ରାଜ୍ୟ ସରକାରଙ୍କ ବିଜୁ ପକ୍କାଘର ଯୋଜନା ପ୍ରଣିତ ହୋଇଛି । ପୂର୍ବରୁ ଥିବା ଅଧିନିୟମକୁ ସରକାର ଏବେ ପରିବର୍ତନ କରି ନୂତନ ଅଧିନିୟମ ଜରିଆରେ ହିତାଧରକାରୀ ଚୟନ ପାଇଁ ଘୋଷଣାନାମା ଜାରି କରିଛନ୍ତି । ଯାହାକୁ ନେଇ ଏବେ ଅଯୋଗ୍ୟ ହିତାଧିକରୀଙ୍କ ମଧ୍ୟରେ ଛନକା ପଶିଛି । ଏହି ନୂଆ ଅଧିନିୟମ ଲାଗୁ ହେଲେ ବଡଚଣାରେ ବହୁ ଅଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବାଦ ପଡିବେ । ୯୯ ମସିହା ମହାବାତ୍ୟା ପରେ ଇନ୍ଦିରା ଆବାସ ଯୋଜନାରେ ଯାଜପୁର ଜିଲ୍ଲା ବଡଚଣା ବ୍ଲକରେ ବହୁ ଅନିୟମିତତା ହୋଇଥିବା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଏହା ପରେ ପ୍ରତ୍ୟେକ ବର୍ଷ ଗରିବ ହିତାଧିକାରୀଙ୍କ ପାଇଁ ଆସୁଥିବା ଆବାସ ଯୋଜନାକୁ କେତେକ ମୁଷ୍ଟିମେୟ ବ୍ୟକ୍ତି ଯୋଗ୍ୟ ହିତାଧିକାରୀ ବଦଳରେ ଅଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରି ଯୋଜନାକୁ ବାଟବଣା କରି ଆସୁଥିଲେ । ପ୍ରଧାନମନ୍ତ୍ରୀ ଆବସ ଯୋଜନା ପ୍ରଚଳନ ହେଲା ପରେ ନିର୍ଦ୍ଦିଷ୍ଟ ନିତି ନିୟମ ପାଳନ କରୁଥିବା ଯୋଗ୍ୟ ହିତାଧରକାରୀଙ୍କୁ ଆବାସ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶନାମା ରହିଥିଲେ ମଧ ପଂଚାୟତ ସ୍ତରର କିଛି ନେତା ବ୍ୟାପକ ଉତ୍କଚ କାରବାର କରି ଅଯୋଗ୍ୟ ହିତାଧରକାରୀଙ୍କୁ ପ୍ରଦାନ କରି ଆସୁଥିଲେ । ୭ସେପ୍ଟେମ୍ବର ୨୦୧୯ମସିହାରେ ପ୍ରଥମ ନିର୍ଦ୍ଦେଶନାମା ଜାରି କରାଯାଇ ଏହା ସମ୍ପୂର୍ଣ୍ଣ କରିବା ପାଇଁ ୧୦ଅକ୍ଟୋବର ୨୦୧୯ ଧାର୍ଯ୍ୟ କରାଯାଇଥିଲା । ଏହି ଅବଧି ଭିତରେ ବଡଚଣାର ୪୩ ଗୋଟି ପଂଚାୟତରୁ ୧୨୦୫୯ ଯୋଗ୍ୟ ହିତାଧିକାରୀ ତାଲିକା ପ୍ରସ୍ତୁତ କରାଯାଇ ଥିଲା । ଏଥିରେ ବ୍ୟାପକ ଅନିମିୟତା ହୋଇଥିବାରୁ ବ୍ଲକର ପ୍ରାୟ ୩୦ ଗୋଟି ପଂଚାୟତର ଅଭୀଯୋଗକୁ ବିଜେପି ନେତା ଅମର ନାୟକ ବିଧାନସଭାର ବିରୋଧି ଦଳର ନେତା ପ୍ରଦୀପ ନାୟକଙ୍କୁ ହସ୍ତଗତ କରିଥିଲେ । ଗତ ବିଧାନ ସଭାରେ ଶ୍ରୀ ନାୟକ ଏ ସଂପର୍କରେ ପ୍ରଶ୍ନ କରିବାରୁ ପୂର୍ବରୁ ଜିଓ ଟ୍ୟାଗ କରାଯାଇଥିବା ହିତାଧିକାରୀଙ୍କ ତାଲିକା ଅନ୍ୟ ବ୍ଲକର ଅଧିକାରୀଙ୍କ ଜରିଆରେ ତାଲିକା ପ୍ରସ୍ତୁତ କରାଯାଇଥିଲା । ଏହି ତାଲିକା ପ୍ରସ୍ତୁତ ସମୟରେ ଶାସକ ଦଳର ବ୍ୟାପକ ବିରୋଧ ସତ୍ତ୍ୱେ ଯେଉଁ ତାଲିକା ପ୍ରସ୍ତୁତ କରିଥିଲେ ସେଥିରେ ପାଖାପାଖର ୪ ହଜାର ଅଯୋଗ୍ୟ ହିତାଧରକାରୀ ଥିବା ଦର୍ଶାଇ ଥିଲେ । ପୂର୍ବ ନିର୍ଦ୍ଦେଶନାମା ଅନୁଯାୟୀ ବାପ ପରେ ପୁଅ ମାନଙ୍କୁ ଗୃହ ଯୋଗାଇ ଦେବା ପାଇଁ ଯେଉଁ ନିୟମ କରାଯାଇଥିଲା ଏହି ନିୟମକୁ ପରିବର୍ତନ କରି ୨୦୧୧ ଜନଗଣନା ଓ ୨୦୧୨ ଏସ.ସି. ତାଲିକା ଅନୁଯାୟୀ ଗୋଟିଏ ପରିବାର ଗୋଟିଏ ଗୃହ ପାଇବା ପାଇଁ ଦର୍ଶାଯାଇଅଛି । ଏଥି ନିମନ୍ତେ ନୂତନ ଜିଓ ପ୍ୟାକ କରି ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବାକୁ ପଚାୟତିରାଜ ବିଭାଗ ପକ୍ଷରୁ ଚିଠି ନଂ ୨୪୫୫୨ରେ ସମସ୍ତ ଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଓ ବିଡିଓ ମାନଙ୍କୁ ନିର୍ଦ୍ଦେଶନାମ ଜାରି କରାଯାଇଛି । ଏଥି ସହିତ ୧୫.୦୧.୨୦୨୦ ସୁଦ୍ଧା ଏହି ସଂଶୋଧିତ ତାଲିକା ପ୍ରସ୍ତୁତ କରି ଯୋଗ୍ୟ ହିତାଧିକାରୀ ବାଛିବା ପାଇଁ ଏଥିରେ ନିର୍ଦ୍ଦେଶ ଜାରି କରାଯାଇଛି । ଯଦି ଏହି ପ୍ରକ୍ରିୟାରେ ହିତାଧରକାରୀ ଚୟନ କରାଯିବ ବଡଚଣା ବ୍ଲକରେ ୧୨ ହଜାର ୫୯ ତାଲିକାରୁ ୮ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ନାମ ।ବଦ ପଡିପାରେ ବୋଲି ଆଲୋଚନା ହେଉଛି । ଯାହାକୁ ନେଇ ଏବେ ସମଗ୍ର ବ୍ଲକର ଚର୍ଚ୍ଚା ଜୋର ଧରିଛି ।

# କେନ୍ଦୁଝର : ଜାନୁଆରୀ ୧୦ ରେ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ନିଯୁକ୍ତି ମେଳା ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦୁଝର, (ପିଏନ)-ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଚଳିତ ଜାନୁଆରୀ ୧୦ ତାରିଖ (ଶୁକ୍ରବାର) ଦିନ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଓଡିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ (ଓଏସ୍ଏମ୍ଇ) ପଡିଆଠାରେ ନିଯୁକ୍ତିମେଳା ଅନୁଷ୍ଠିତ ହେବ । ଏହି ନିଯୁକ୍ତିମେଳାର ସୁପରିଚାଳନା ପାଇଁ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଆଶିଷ୍ ଠାକ୍‌ରେ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିଯୁକ୍ତି ମେଳାର ସୁଆୟୋଜନ ଓ ପରିଚାଳନା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତ ଚରଣ ପ୍ରଧାନଙ୍କ ଅଧକ୍ଷତାରେ ଚଳିତ ଜାନୁଆରୀ ୦୨ ତାରିଖ ଅପରାହ୍ନରେ ମିନି କନ୍‌ଫରେନ୍ସ ହଲ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଏବଂ ଚୂଡାନ୍ତ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି । ସୂଚନାଯୋଗ୍ୟ ଯେ ଜିଲ୍ଲାର ୧୮ ରୁ ୩୫ ବର୍ଷ ବୟସ ପର୍ଯ୍ୟନ୍ତ ଶିକ୍ଷିତ ବେକାର ଯୁବକ/ଯୁବତୀଙ୍କୁ ବିଭିନ୍ନ କମ୍ପାନୀ, ଘରୋଇ ଉଦ୍ୟୋଗ ତଥା ଶିଳ୍ପ ସଂସ୍ଥାରେ ନିଯୁକ୍ତି ଦେବା ନିମନ୍ତେ ଏହି ନିଯୁକ୍ତି ମେଳା ଆୟୋଜନ କରାଯାଉଛି । ସପ୍ତମ ଶ୍ରେଣୀ ପାସ୍‌ରୁ ତଦୂର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିବା ଶିକ୍ଷିତ ବେକାର ଯୁବକ/ଯୁବତୀ, ଆଇ.ଟି.ଆଇ., ଡିପ୍ଲୋମା, ଏ.ଏନ୍.ଏମ୍./ଜି.ଏନ୍.ଏମ୍. ପାସ୍ କରିଥିବା ଆଗ୍ରହୀ ଯୁବକ/ଯୁବତୀମାନେ ଏହି ନିଯୁକ୍ତିମେଳାରେ ଅଂଶଗ୍ରହଣ କରିପାରିବେ । ଏଥି ନିମନ୍ତେ ଆଗ୍ରହୀ ଯୁବକ/ଯୁବତୀମାନେ ନିଜ ଅଂଚଳର ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ତା୦୪.୦୧.୨୦୨୦ ରୁ ତା୦୯.୦୧.୨୦୨୦ରିଖ ମଧ୍ୟରେ ସେମାନଙ୍କର ନାମ ପଞ୍ଜିକରଣ କରାଇ ଏହି ନିଯୁକ୍ତିମେଳାରେ ଭାଗ ନେଇପାରିବେ । ଜିଲ୍ଲାର କେନ୍ଦୁଝର, ଯୋଡା, ବଡବିଲ୍ ଏବଂ ଆନନ୍ଦପୁର ମ୍ୟୁନିସିପାଲିଟି ଏବଂ ଚମ୍ପୁଆ ଏନ୍.ଏ.ସି. ଅଂଚଳର ପ୍ରାର୍ଥୀ/ପ୍ରାର୍ଥିନୀମାନେ ନିଜ ଅଂଚଳର ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ଆବେଦନ ପତ୍ର ଦାଖଲ କରି ପ୍ରବେଶ ଅନୁମତି ପତ୍ର ହାସଲ କରିପାରିବେ । ଏହି ନିଯୁକ୍ତି ମେଳାରେ ବିଭିନ୍ନ ଟ୍ରେଡ୍‌ରେ ବିଭିନ୍ନ ପଦବୀ ନିମନ୍ତେ ନିଯୁକ୍ତି ବ୍ୟବସ୍ଥା କରାଯାଇଛି । ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ନିଯୁକ୍ତିଦାତା ସଂସ୍ଥାମାନେ ଯୋଗଦେବେ । ଏତଦ୍‌ବ୍ୟତୀତ ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ଜିଲ୍ଲା ଓ ଜିଲ୍ଲା ବାହାରର ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା (ପ୍ରଜେକ୍ଟ ଇମ୍ପ୍ଲିମେଂଟିଙ୍ଗ୍ ଏଜେନ୍ସି) ମାନେ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଛି । ସମସ୍ତ ନିଯୁକ୍ତିଦାତା ସଂସ୍ଥାମାନଙ୍କରେ ସିଧାସଳଖ ନିଯୁକ୍ତିର ସୁଯୋଗ ରହିଅଛି । ଯେଉଁ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଚଳିତ ଜାନୁଆରୀ ୦୯ ତାରିଖ ମଧ୍ୟରେ ବ୍ଲକ୍ କାର୍ଯ୍ୟାଳୟରେ ନାମ ପଞ୍ଜିକରଣ କରି ନପାରିଥିବେ ସେମାନେ ଚଳିତ ଜାନୁଆରୀ ୧୦ ତାରିଖ ପୂର୍ବାହ୍ନ ଘ୧୦.୩୦ମି. ସମୟରେ ଓଡିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ, କେନ୍ଦୁଝର ପଡିଆରେ ଖୋଲାଯିବାକୁ ଥିବା ପଞ୍ଜିକରଣ କେନ୍ଦ୍ରରେ ନାମ ପଞ୍ଜିକରଣ କରାଇ ନିଯୁକ୍ତିମେଳାରେ ଅଂଶ ଗ୍ରହଣ କରିପାରିବେ ବୋଲି ଭାରପ୍ରାପ୍ତ ଜିଲ୍ଲା ନିଯୋଜନ ଅଧିକାରୀ ବିଜୟ କୁମାର ପାତ୍ର ସୂଚନା ଦେଇଛନ୍ତି । ଉକ୍ତ ନିଯୁକ୍ତିମେଳା ସଂପର୍କରେ ଜିଲ୍ଲାର ଗ୍ରାମାଂଚଳମାନଙ୍କରେ ବହୁଳ ପ୍ରଚାର ଉପରେ ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରଧାନ ଗୁରୁତ୍ୱାରୋପ କରି ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲା ନିଯୋଜନ ଅଧିକାରୀ ତଥା ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିଯୁକ୍ତି ମେଳାର ସୁଆୟୋଜନ ଓ ପରିଚାଳନା ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ବିଶଦ ଭାବେ ଆଲୋଚନା କରାଯାଇଥିଲା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପି.କେ. ପରିଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଅଶୋକ କୁମାର ଦାଶ, ଜିଲ୍ଲା ନିଯୋଜନ ଅଧିକାରୀ ବିଜୟ କୁମାର ପାତ୍ର, ଓରମାସ୍‌ର ଯୁଗ୍ମ ସି.ଇ.ଓ. ସପନ ଗୋସ୍ୱାମୀ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସଂଜୀବ ବାରିକ, ବିଭିନ୍ନ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ / ଅଧିକାରୀ / ବିଭିନ୍ନ ବ୍ଲକ୍‌ର ବିଡିଓମାନେ ଏହି ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଅଜଣା ଗାଡି ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଯୋଡା,(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅଧିନସ୍ଥରେ ଗୁରୁବାର ବିଳମ୍ବିତ ରାତି ପ୍ରାୟ ୧୦ଟାରେ ଜାତୀୟ ରାଜମାର୍ଗ-୫୨୦ ଅନ୍ତର୍ଗତ କଣ୍ଡରା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ସନ୍ନିକଟରେ କୌଣସି ଅଜଣା ଗାଡି ଧକ୍କାରେ ଦୁଇ ବାଇକ୍ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିବାର ଖବର ମିଳିଛି । ମୃତକ ଦ୍ୱୟଙ୍କ ଘର ଯୋଡା ବ୍ଲକ ଚମକପୁର ପଞ୍ଚାୟତ ତଥା ଚମ୍ପୁଆ ଥାନା ଅନ୍ତର୍ଗତ ଶଙ୍କରପୁର ଗ୍ରାମରେ ବୋଲି ଜଣା ପଡିଥିବା ସମୟରେ ଜଣଙ୍କ ନାମ ଯଶରାଜ ମୁଣ୍ଡା (୨୬) ଓ ଅନ୍ୟ ଜଣଙ୍କ ନାମ ସମା ମୁଣ୍ଡା (୨୩) ବୋଲି ଖବର ମିଳିଛି । ସୂଚନାରୁ ପ୍ରକାଶ, ଗୁରୁବାର ରାତିରେ ଯଶରାଜ ଓ ସମା ଓଆର-୦୨ଏଏସ-୮୨୯୨ ବାଇକ ଯୋଗେ କୌଣସି କାର୍ଯ୍ୟରେ ବିଲେଇପଦା ଆସି ଘରକୁ ଫେରୁଥିବା ରାସ୍ତାରେ ଏଭଳି ଅଭାବନୀୟ ଘଟଣା ସଂଗଠିତ ହୋଇଛି । ବିପରୀତ ଦିଗରୁ ଆସୁଥିବା କୌଣସି ଅଜଣା ଗାଡି ବାଇକ୍‌ଟିକୁ ଧକ୍କାଦେବା କାରଣରୁ ଘଟଣା ସ୍ଥଳରେ ଏହି ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଯାଇଥିବାର କୁହାଯାଉଛି । ଖବର ପାଇ ଯୋଡା ପୁଲିସ ଘଟଣା ସ୍ଥଳରୁ ମୃତ ଶରୀର ଦ୍ୱୟକୁ ଉଦ୍ଧାର କରି ବିଳମ୍ବିତ ରାତିରେ ଯୋଡା ଟାଟା ଷ୍ଟିଲ୍ ଚିକିତ୍ସାଳୟର ଶବଗୃହରେ ରଖିଥିବା ସମୟରେ ଶୁକ୍ରବାର ପୂର୍ବାହ୍ନରେ ବିଲେଇପଦା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଶବ ବ୍ୟବଚ୍ଛେଦ ନିମନ୍ତେ ମୃତଶରୀର ଦ୍ୱୟକୁ ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇ ଥିବାର ଖବର ମିଳିଛି । ଅଜଣା ଗାଡିଟିକୁ ଠାବ୍ କରିବା ନିମନ୍ତେ ଯୋଡା ପୁଲିସ ପକ୍ଷରୁ ଜୋରସୋର ଉଦ୍ୟମ ହୋଇଥିବାର ଖବର ମିଳିଛି । ତେବେ ସମା ମୁଣ୍ଡା ଚାଳକ ରୂପେ ନିଜ ଜୀବିକା ନିର୍ବାହ କରୁଥିବା ସମୟରେ ଯଶରାଜ ପଢାପଢି ସାରି ଏଇ କିଛି ଦିନ ହେଲା ଗ୍ରାମକୁ ଫେରିଥିବାର ଖବର ମିଳିଛି ।

## ସ୍ତମ୍ଭକାର ନବଘନ ଜେନାଙ୍କ ପତ୍ନୀ ବିୟୋଗ

ଧର୍ମଶାଳା ୩।୧ (ପି.ଏନ୍) ଜାରକା ଅଞ୍ଚଳର ଜଣେ ସୁଲେଖକ ତଥା ବିଶିଷ୍ଟ ସ୍ତମ୍ଭକାର ନବଘନ ଜେନାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ଜେନା (୭୯)ଙ୍କ ଆଜି ମଧ୍ୟାହ୍ନରେ ସ୍ଥାନୀୟ ବାସସ୍ଥାନରେ ପରଲୋକ ହୋଇଯାଇଛି । ସେ କିଛିଦିନ ପୂର୍ବରୁ ଅସୁସ୍ଥ ହୋଇ ଘରେ ଚିକିତ୍ସାଧିନ ଥିଲେ । ପରଲୋକ ଖବର ପାଇ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ଉପାଧ୍ୟକ୍ଷ ଜଳଧର ମହାନ୍ତି, ବରିଷ୍ଠ ବିଜେଡି ନେତା ଜଳଧର ସାହୁ, ମିଡିଆ ସେଲ୍ ଅଧ୍ୟକ୍ଷ ସଂଗ୍ରାମ କେଶରୀ ଜେନା, ସରପଞ୍ଚ ବିଭୁତିଭୂଷଣ ପାଣିଗ୍ରାହୀ, ସମିତି ସଭ୍ୟ ସୁଧାଂଶୁ ଚରଣ ବେହେରା, ଯୁବ ନେତା ପ୍ରତାପ କୁମାର ପ୍ରଧାନ, ପ୍ରଫୁଲ କୁମାର ସାହାଣୀ, ଧର୍ମଶାଳା ପ୍ରେସ୍ କ୍ଲବ୍ ସଭାପତି ଇନ୍ଦ୍ରମଣି ନାୟକ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଶତପଥୀ, ବରିଷ୍ଠ ସାମ୍ବାଦିକ ରମାକାନ୍ତ ଜେନା, ବଟକୃଷ୍ଣ ପରିଡା, ସମାସେବୀ କାହ୍ନୁ ଚରଣ ଦାଶ, କୋଲଖି ଚନ୍ଦ୍ର ପଲେଇ ଅଧ୍ୟାପକ ବିଜୟ ନାୟକ, ଇଂ.କଳ୍ପତରୁ ସାହୁ, କାସିନାଥ ସାହୁ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ବରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ମୃତ୍ୟୁ ଶଯ୍ୟା ତାଙ୍କର ତିନି ପୁଅ, ବୋହୂ ଓ ଝିଅ ଜ୍ୱାଇଁ, ନାତି ନାତୁଣୀ ଉପସ୍ଥିତ ଥିଲେ । ବଡ ପୁଅ ଆଡ୍‌ଭୋକେଟ୍ ନରେଶ ଚନ୍ଦ୍ର ଜେନା ମୁଖାଗ୍ନି ଦେଇଥିଲେ । ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଭାବରେ ସ୍ଥାନୀୟ ଅଞ୍ଚଳରେ ପରିଚିତ । ପରଲୋକରେ ଜାରକା ଅଞ୍ଚଳ ସମେତ ଜନକ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

## ବର୍ଷିଆନ ବ୍ରହ୍ମଚାରୀ ଜ୍ୟୋତିର୍ବିଦଙ୍କ ପରଲୋକ

ଧର୍ମଶାଳା ୩।୧ (ପି.ଏନ୍) :ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପୁର (ନାକପୋଲ)ର ବର୍ଷିଆନ ବ୍ରହ୍ମଚାରୀ ଜ୍ୟୋତିର୍ବିଦ ଜନାର୍ଦ୍ଦନ ମହାରଣା (୮୯) ଆଜି ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି । ସେ ସମଗ୍ର ନିର୍ବାଚନ ମଣ୍ଡଳୀରେ ପ୍ରସିଦ୍ଧ ଜ୍ୟୋତିର୍ବିଦ ଭାବରେ ଜଣାଶୁଣା ଥିଲେ । ପରଲୋକ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ତାଙ୍କ ପରଲୋକରେ ଧର୍ମଶାଳା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ପରିଚିତ ।

## ପ୍ରୋମିନେରାଲ ପରିସରରେ ଗଚ୍ଛିତ ଲୁହାପଥର ପରିମାଣକୁ କ୍ଲିନଚିଟ୍ ଦେବାକୁ ମସୁଧା

ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳ ଅଧିନସ୍ଥ ବସନ୍ତପୁର ନିକଟରେ ଥିବା ପ୍ରୋମିନେରାଲ ପରିସରରେ ଗଚ୍ଛିତ ଲୁହାପଥରକୁ ନେଇ ଏକ କେଲେଙ୍କାରୀ ସମ୍ମୁଖକୁ ଆସିଛି । ବହୁଚର୍ଚ୍ଚିତ ଖଣିଦୁର୍ନୀତି ସମୟରେ ପରିବହନ ଦ୍ୱାରା କାରଖାନା ପରିସରରେ ଗଚ୍ଛିତ ହୋଇଥିବା ୫/୧୮ (ସାଇଜର) ଲୁହାପଥରର ମାନ ନିମ୍ନ ଏବଂ ପରିମାଣ କମଥିବା ନେଇ ଘଟଣାର ତଦନ୍ତ କରୁଥିବା ରାଜ୍ୟ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ତଦନ୍ତ କରି ଗଚ୍ଛିତ ଲୁହାପଥରତକ ସିଜ୍ କରିଥିଲେ । ବେଶ କିଛିଦିନ ଯିବା ପରେ କମ୍ପାନୀ ଓ ଖଣିବିଭାଗର ଏକ ଅସାଧୁ ମେଣ୍ଟକୁ ସଫଳ କରାଇବା ଲକ୍ଷ୍ୟରେ ଦୁଇଦିନ ତଳେ ଯୋଡା ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟର କିଛି ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି ଡ୍ୟାମେଜ କଣ୍ଟ୍ରୋଲ କରିବା ଲକ୍ଷ୍ୟରେ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡର ରିପୋର୍ଟକୁ ବଦଳାଇ ଲୁହାପଥର ମାନ ଓ ପରିମାଣ ସଠିକ୍ ଥିବାର ଯୋଜନା କରୁଥିବା ନେଇ ନିର୍ଭରଯୋଗ୍ୟ ସୂତ୍ରରୁ ଖବର ହସ୍ତଗତ ହେବା ପରେ ଖଣିବିଭାଗର ସାଧୁତା ପ୍ରତି ପଶ୍ନସୃଷ୍ଟି ହୋଇଛି । ଖଣି ଦୁର୍ନୀତି ସମୟରେ ରାଜ୍ୟ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ କରିଥିବା ତଦନ୍ତର ରିପୋର୍ଟ ସତ ନା ବର୍ତ୍ତମାନ ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ହସ୍ତକ୍ଷେପ କରି ରିପୋର୍ଟ ପ୍ରସ୍ତୁତ କରିବା ସତ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଘଟଣାର ନୀରପେକ୍ଷ ତଦନ୍ତ କରାଗଲେ ଆଉ ଏକ ଉଲ୍ଲିବୁରୁ ଖଣି ଦୁର୍ନୀତି ଘଟଣାର ପର୍ଦ୍ଦାଫାସ ହୋଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଉଛି ।




# ସମୟର ଆହ୍ୱାନ: ଇକୋ ଟୁରିଜିମ୍



**ବି**ଶ୍ୱବ୍ୟାପୀ ସର୍ବତ୍ର ପ୍ରାକୃତିକ ବିପର୍ଯ୍ୟୟ ପରେ କଂକ୍ରିଟ ଜଙ୍ଗଲ ଭିତରେ ବାନ୍ଧି ହୋଇଥିବା ମଣିଷ ପୁଣି ପ୍ରକୃତିକୁ ଫେରିବାକୁ ଆରମ୍ଭ କରିଛି। ଏମିତି ଏକ ଅବଧାରଣାକୁ ନେଇ ଆଜି ସାରା ବିଶ୍ୱରେ ବିକଶିତ ହୋଇଚାଲିଛି ଇକୋ ଟୁରିଜିମ୍। ଏହି ଶିଳ୍ପରେ ନୂଆ ସମ୍ଭାବନା ଓ ନୂଆ ଚମକ ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆକର୍ଷଣୀୟ କରାଯାଇଛି। ଇକୋ ଟୁରିଜିମ୍ ପରିକଳ୍ପନା ବେଶି ଦିନର ନୁହେଁ। ପରିବେଶର ସୁରକ୍ଷା ଓ ପରିବେଶ ପ୍ରତି ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିବା ଏହାର ମୂଳ ଲକ୍ଷ୍ୟ। ଉନ୍ନତ ଦେଶମାନଙ୍କରେ ଇକୋଟୁରିଜିମ୍‌ର ବିକାଶ ପାଇଁ ବ୍ୟୟବହୁଳ ଯୋଜନାମାନ କରାଯାଇ ଆକର୍ଷଣୀୟ ଭିତ୍ତିଭୂମି ପ୍ରସ୍ତୁତ କରାଗଲାଣି। ପର୍ଯ୍ୟଟକଙ୍କ ପାଇଁ ଇକୋ ଫ୍ରେଣ୍ଡଲି ହୋଟେଲ ଓ ଯାନବାହାନ ସହ ବିଭିନ୍ନ ବ୍ୟବସ୍ଥା ପ୍ରସ୍ତୁତ ହେଲାଣି। ସମୁଦ୍ରତଟ, ନଦୀ, ହ୍ରଦ, ଜଳପ୍ରପାତ, ମରୁଭୂମି, ଗୁମ୍ଫା, ପାହାଡ଼, ଜଙ୍ଗଲ, ଗ୍ଲାସିଅର, ବନ୍ୟଜନ୍ତୁ ଉଦ୍ୟାନ, ପରିବେଶ ଉଦ୍ୟାନ, ଉଦ୍ଭିଦ ସମ୍ପଦ ଓ ପଶୁସମ୍ପଦ ଆଦି ଇକୋ ଟୁରିଜିମ୍‌ର ଏକ ଆକର୍ଷଣ। କେବଳ ବିଭିନ୍ନ ବିବିଧ ଭୂଗୋଳ ଓ ସଂସ୍କୃତିର ଦେଶ ଭାରତର ଇକୋ ଟୁରିଜିମ୍ କ୍ଷେତ୍ର ନୁହେଁ ବରଂ ଓଡ଼ିଶାରେ ଏହି କ୍ଷେତ୍ର ବହୁ ପ୍ରଶସ୍ତ ଓ ବ୍ୟାପକ। ସମଗ୍ର ଭାରତରେ ୪୪୧ଟି ବନ୍ୟଜନ୍ତୁ ଅଭୟାରଣ୍ୟ ଓ ୮୦ଟି ଜାତୀୟ ପାର୍କ ରହିଥିବାବେଳେ ଓଡ଼ିଶାରେ ଭିତରକନିକା, ଶିମିଳିପାଳ ଓ ନନ୍ଦନକାନନ ଭଳି ଜାତୀୟ ପାର୍କ ବ୍ୟତୀତ ୭ଟି ବୃହତ ଓ ୨୨ଟି କ୍ଷୁଦ୍ର ଅଭୟାରଣ୍ୟ ରହିଛି। ଓଡ଼ିଶାର ମୋଟ ଆୟତନ ୧,୫୫,୭୦୭ ବର୍ଗ କିଲୋମିଟର ଭିତରୁ ୫୮,୧୩୬.୮୭ ବର୍ଗକିଲୋମିଟର ଜଙ୍ଗଲ ଅଞ୍ଚଳ। ୧୯ ପ୍ରକାର ଉଭୟଚର ପ୍ରାଣୀ, ୧୧୦ ପ୍ରଜାତିର ସରୀସୃପ, ୪୭୩ ପ୍ରଜାତିର ପକ୍ଷୀ ଓ ୮୬ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ ଦେଖିବାକୁ ମିଳନ୍ତି ଯାହାକି ସାରା ବିଶ୍ୱର ପରିବେଶପ୍ରେମୀ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଗୋଟିଏ ପଟେ ୪୮୦ କିଲୋମିଟର ସୁଦୀର୍ଘ ସ୍ୱର୍ଣ୍ଣିମ ବେଳାଭୂମି ପର୍ଯ୍ୟଟକଙ୍କୁ ସ୍ୱାଗତ କରୁଥିବା ବେଳେ ଅନ୍ୟପଟରେ ସମୁଦ୍ର ପତ୍ତନ ଠାରୁ ୨୦୦୦ ମିଟର ଉଚ୍ଚରେ ଅବସ୍ଥିତ ମାଳଭୂମିରେ ଭରି ରହିଛି ଛୋଟବଡ଼ ୨୫ରୁ ଉର୍ଦ୍ଧ୍ୱ ମନଲୋଭା ଜଳପ୍ରପାତ। ବିହଙ୍ଗ ପର୍ଯ୍ୟଟନ ପାଇଁ ବରଗଡ଼ ଜିଲ୍ଲାର ଗନ୍ଧମାର୍ଦ୍ଦନ, ବାରପାହାଡ ଓ ପପଙ୍ଗା ପାହାଡ଼ର ପ୍ରାକୃତିକ ପକ୍ଷୀ ଅଭୟାରଣ୍ୟ ଦୃଷ୍ଟି ଆକର୍ଷଣ କରିଥାଏ। ସେହିପରି ୧୯୭୫ରେ ବନ୍ୟପ୍ରାଣୀ ଅଭୟାରଣ୍ୟ ଭାବେ ଘୋଷିତ ଭିତରକନିକା, ୧୯୯୮ରେ ଜାତୀୟ ଉଦ୍ୟାନର ମାନ୍ୟତା ପାଇଥିବା ବେଳେ ୨୦୦୨ରେ ଏହା ଅନ୍ତର୍ଜାତୀୟ ରାମ୍‌ସାର ସାଇଟ୍ ଭାବେ ଘୋଷିତ ହୋଇଛି। ଏହାସହ ବିଶ୍ୱର ଅଦ୍ୱିତ୍ୟ ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଭିତରକନିକା ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ହେନ୍ତାଳ ଜଙ୍ଗଲର ମାନ୍ୟତା ପାଇଛି। ଏହାସହ ୧୯୯୭ରେ ସାମୁଦ୍ରିକ ଅଭୟାରଣ୍ୟର ମାନ୍ୟତା ପାଇଥିବା ଗହୀରମଥା ବିରଳ ଅଲିଭ ରିଡ଼ଲେ କଇଁଛଙ୍କ ଭୂସ୍ୱର୍ଗ ଭାବେ ପୃଥିବୀର ପର୍ଯ୍ୟଟକପ୍ରେମୀ ଓ ଗବେଷକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଏସିଆର ବୃହତ୍ତମ ହ୍ରଦ ମରାଳ ମାଳିନୀ ନିଳାମ୍ବୁ ଚିଲିକା ୧୯୮୭ରେ ପକ୍ଷୀ ଅଭୟାରଣ୍ୟ ଭାବେ ଘୋଷିତ ହେବା ପରେ ସମଗ୍ର ପୃଥିବୀରୁ ପର୍ଯ୍ୟଟକଙ୍କ ଏହା ବଡ଼ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ। ସେହିପରି ଇକୋ ଟୁରିଜିମ୍‌ର ଭୂସ୍ୱର୍ଗ କୁହାଯାଉଥିବା ଶିମିଳିପାଳ ଜାତୀୟ ଉଦ୍ୟାନ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବିଶ୍ୱସ୍ତରରେ ମାନ୍ୟତା ପାଇବାପରେ ଏବେ ଜାତିସଂଘ ଶିକ୍ଷା, ବିଜ୍ଞାନ ଓ ସାଂସ୍କୃତିକ ସଂସ୍ଥା ୟୁନେସ୍କୋର ଜୈବବିବିଧତା ତାଲିକାରେ ସାମିଲ ହୋଇଛି। ୨୭୫୦ କିଲୋମିଟର ବ୍ୟାପୀ ଏହି ଜଙ୍ଗଲ ମଧ୍ୟରେ ବିଭିନ୍ନ ଦର୍ଶନୀୟ କ୍ଷେତ୍ର ରହିଛି। ସେହିପରି ସୁନ୍ଦର ବନଭୂମି, ପୁରାତନ ଆଦିବାସୀ ଜନଜାତି, ଉଚ୍ଚପର୍ବତ ମାଳା, ଜଳପ୍ରପାତ, ନଦୀ, ଝରଣାର ଅପୂର୍ବ ସମ୍ଭାର ଲାଗି କୋରାପୁଟକୁ ଦ୍ୱିତୀୟ କାଶ୍ମୀର କୁହାଯାଏ। ଏହାର ସନ୍ନିକଟ ଗୁପ୍ତେଶ୍ୱର, ଡୁଡୁମା ଜଳପ୍ରପାତ, ଦେଓମାଳି ଉଚ୍ଚତମ ପାହାଡ଼ ଓ ମାଛକୁଣ୍ଡ ଜଳପ୍ରପାତ ସହ ରାଣୀଗୁମ୍ଫା, ରାମଗିରି, ରାଣୀଗୁଡ଼ା ବ୍ୟାପକ ଭାବେ ଇକୋ ଟୁରିଜିମ୍ କ୍ଷେତ୍ର ଭାବେ ସର୍ବଦା ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଓଡ଼ିଶା ସରକାରଙ୍କ ବିଭିନ୍ନ ଲୋକପ୍ରିୟ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ଲୁକ୍‌ୟିତ ଅଧିକାଂଶ ପ୍ରାକୃତିକ ପର୍ଯ୍ୟଟନସ୍ଥଳର ରକ୍ଷଣାବେକ୍ଷଣ ଓ ଭିତ୍ତିଭୂମିର ଦାୟିତ୍ୱ ରାଜ୍ୟ ପର୍ଯ୍ୟଟନ ବିଭାଗ ହାତକୁ ନେଇଛି। କିନ୍ତୁ ଅନେକ ଆଭ୍ୟନ୍ତରୀଣ ଇଲାକାରେ ଲୁଚି ରହିଥିବା ପ୍ରକୃତିର ଅନୁପମ ଅନେକ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ର ଏଯାବତ୍ ଲୋକଲୋଚନର ଉହାଡ଼ରେ ରହିଯାଇଛି। ଏସବୁ ସମାଜର ବାହାରକୁ ଆଣିବା ଦାୟିତ୍ୱ ପ୍ରତି ଓଡ଼ିଆଙ୍କର। ଓଡ଼ିଶାର ପର୍ଯ୍ୟଟନ ଶିଳ୍ପର ବିକାଶ ଦ୍ରୁତ ଗତିରେ ହେଉଛି। ଯାହାପାଇଁ ପୃଥିବୀର ବିଭିନ୍ନ ଦେଶରୁ ନିୟମିତ ବ୍ୟବଧାନରେ ପର୍ଯ୍ୟଟକମାନେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳ ପରିଦର୍ଶନ କରୁଛନ୍ତି। ଯାହାଦ୍ୱାରା ସାମାଜିକ ବିକାଶ ହେବା ସହିତ ଓଡ଼ିଶାର ଅର୍ଥନୈତିକ କ୍ଷେତ୍ର ସୁଦୃଢ଼ ହେଉଛି। ଇକୋ ପର୍ଯ୍ୟଟନ ସହିତ ବିଭିନ୍ନ ଉତ୍ସବ ଓ ମହୋତ୍ସବରେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର, କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ହେଉଥିବାରୁ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ବିଶେଷକରି ଇକୋ ଟୁରିଜିମ୍ କ୍ଷେତ୍ରରେ ଏକ ଆଗଧାଡ଼ିର ରାଜ୍ୟ ଭାବେ ପରିଚିତ ହେବାକୁ ଯାଉଛି।



**ନାଟ୍ୟସାରଥି ଅଭୟ କୁମାର ଦାସ,**
**ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭**

## ବରିଷ୍ଠ ନାଗରିକଙ୍କୁ ସେବା ଓ ସମ୍ମାନ

ରାଉରକେଲା (ପିଏନ୍): ପବିତ୍ର ନବବର୍ଷର ଶୁଭ ଅବସରରେ ରାଉରକେଲା ବସ୍ତି ସୁରକ୍ଷା ସମିତି ତରଫରୁ ଶିକ୍ଷାଞ୍ଚଳ ପ୍ରାଙ୍ଗଣରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସେବା ଓ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବସ୍ତି ସୁରକ୍ଷା ସମିତି ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଶ୍ରୀ ଜର୍ଜ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବସ୍ତି ସୁରକ୍ଷା ସମିତି ସଦସ୍ୟ ତଥା ଉପସ୍ଥିତ ବସ୍ତିବାସୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇ ସମ୍ବର୍ଦ୍ଧିତ କରିଥିଲେ। ବସ୍ତି ସୁରକ୍ଷା ସମିତିର ବିଗତ ଦିନର କାର୍ଯ୍ୟକଳାପକୁ ଶ୍ରୀ ତିର୍କୀ ଭୂୟସୀ ପ୍ରଶଂସା କରି ବସ୍ତି ବାସିନ୍ଦାଙ୍କ ଥଇଥାନ ଓ ମୌଳିକ ସେବା ସୁବିଧା ଯୋଗାଣରେ ମହାନଗର ନିଗମ ତଥା ରାଜ୍ୟ ସରକାର କରୁଥିବା ଅବହେଳାକୁ ତୀବ୍ର ନିନ୍ଦା କରିଥିଲେ। ଜଙ୍ଗଲ ଜମିରେ ଦୀର୍ଘ ବର୍ଷ ଧରି ବସବାସ କରୁଥିବା ବସ୍ତିବାସୀଙ୍କୁ ଜମି ପଟ୍ଟା ଦେବା ଉପରେ ଶ୍ରୀ ତିର୍କୀ ଗୁରୁତ୍ୱାରୋପ କରି ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଆଦିବାସୀ ଓ ବନବାସୀ ପରିବାରଙ୍କୁ ଜମି ପଟ୍ଟା ଯୋଗାଇଦେବା ପାଇଁ ତାଙ୍କ ଲଢେଇ ଜାରି ରହିଛି ବୋଲି କହିଥିଲେ। ବସ୍ତି ସୁରକ୍ଷା ସମିତିର ସମସ୍ତ ଗଠନମୂଳକ କାର୍ଯ୍ୟରେ ତାଙ୍କ ତରଫରୁ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ଏହି ଅବସରରେ ପ୍ରକାଶ କରି ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସମିତି ଉପଦେଷ୍ଟା ରାମାନନ୍ଦ ଶ୍ରୀଚନ୍ଦନ, ବରିଷ୍ଠ ନେତା ଦେବବ୍ରତ ବିହାରୀ, ଚିତ୍ତରଂଜନ ମହାନ୍ତି, ନିହାର ଦାସ, ନାରୀନେତ୍ରୀ ନିରୂପମା ବଳିୟାରସିଂହ ପ୍ରମୁଖ ବକ୍ତବ୍ୟ ରଖି ବସ୍ତିବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଶିକ୍ଷାଞ୍ଚଳର ବିଭିନ୍ନ ବସ୍ତିରୁ ଉପସ୍ଥିତ ଥିବା ୧୮୦ ଜଣ ବରିଷ୍ଠ ନାଗରିକଙ୍କୁ ଶୀତବସ୍ତ୍ର କମ୍ବଳ ପ୍ରଦାନ କରି ସମ୍ମାନିତ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମ ଶେଷରେ ସିଦ୍ଧେଶ୍ୱର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିବାବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଜିତେନ୍ଦ୍ର ଦାସ, ବୁଲୁ ଦାସ, କୈଳାସ ସାହୁ, ଶ୍ୟାମ ସାଗର, ସରୋଜ ମହାନ୍ତି, ଦୀପକ ବଡାଇକ, କିଶୋର ମହାନ୍ତି, ଅଭିଜିତ ମାନ୍ନା, ସୁଶାନ୍ତ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା କେଳୁଚରଣ ମହାନ୍ତି, କାର୍ତ୍ତିକ ବେହୁରିଆ, ବିଜୟ ଆପଟ୍ଟ, ଇଂ. ଆର୍.ପି ସିଂହ, ଯୁବନେତା ଜ୍ଞାନେନ୍ଦ୍ର ଦାସ, ନାରୀନେତ୍ରୀ କଲ୍ୟାଣୀ, ପଦ୍ମିନୀ ଲୋହାର, ବସନ୍ତ ମିଶ୍ର, କଳିଙ୍ଗ ସାହୁ, ଭାଗୀରଥି ଧଳ ପ୍ରମୁଖ ମଞ୍ଚାସୀନ ଥିବାବେଳେ ଶହ ଶହ ସଂଖ୍ୟାରେ ବସ୍ତିବାସୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ମୁଖ୍ୟଅତିଥି ଶ୍ରୀ ତିର୍କୀଙ୍କୁ ଜେଲ ରୋଡରୁ ଆଦିବାସୀ ବାଦ୍ୟନୃତ୍ୟର ତାଳତାଳେ ଅନୁଷ୍ଠାନର କର୍ମକର୍ତ୍ତାମାନେ ସଭାସ୍ଥଳକୁ ପାଛୋଟି ନେଇଥିଲେ ବୋଲି ସମିତି ସଭାପତି ଶ୍ରୀ ସେନାପତି ସୂଚନା ଦେଇଛନ୍ତି।

## ବରଦା ଦାସ ଲୋକସଂପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ



ଭୁବନେଶ୍ୱର (ପିଏନ୍): ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗର ଉପ ନିର୍ଦ୍ଦେଶକ ତଥା ଉପ ଶାସନ ସଚିବ ଭାବେ କାର୍ଯ୍ୟ କରୁଥିବା ବରଦା ପ୍ରସନ୍ନ ଦାସ ବିଭାଗୀୟ ପଦୋନ୍ନତି ପାଇ ଯୁଗ୍ମ ନିର୍ଦ୍ଦେଶକ ପଦରେ ନିଯୁକ୍ତ ହୋଇଛନ୍ତି। ଶ୍ରୀ ଦାସ ତାଙ୍କର ୩୫ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଟିଟିଲାଗଡ, ନୟାଗଡ. ବାଙ୍କୀ, କଟକ, ଭୁବନେଶ୍ୱର,ଖୋର୍ଦ୍ଧା, ଅନୁଗୋଳ, ଦେବଗଡ ଆଦି ସ୍ଥାନରେ ଲୋକସଂପର୍କ ଅଧିକାରୀ ଓ ବିଭିନ୍ନ ମନ୍ତ୍ରୀଙ୍କ ସୂଚନା ଅଧିକାରୀ ଭାବେ ସଫଳତାର ସହ କାର୍ଯ୍ୟ ସଂପାଦନ କରିଥିଲେ। ସେ ଜଣେ ସୁଲେଖକ, ସୁବକ୍ତା, ସଂଗଠକ ଓ ସାହିତ୍ୟିକ ଭାବେ ସୁପରିଚିତ।

# ମାଲେରିଆ ଓ ଯକୃତ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ୨୦୧୬ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି। ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ। ମାଲେରିଆ ମୃତ୍ୟୁ ଏବଂ ପ୍ରଭାବ ରୋକିବା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଅନୁମୋଦନ ଲାଭ କରିଥିବା ଏହି ଦିବସରେ ବିଶ୍ୱବ୍ୟାପୀ ବିଭିନ୍ନ ପ୍ରକାର ସଚେତନତା ଏବଂ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥାଏ। ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ। ମଶା କାମୁଡ଼ାରୁ ବର୍ତ୍ତିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି। ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି। ୨୦୧୭ ବିଶ୍ୱ ମାଲେରିଆ ଦିବସରେ ମାଲେରିଆକୁ ଚିର ବିଦାୟ ନେବା ନିମିତ୍ତ ଆହ୍ୱାନ ଦିଆଯାଇଛି। ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍‌ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ଫେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ। ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି। ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି। ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି। ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ। ୨୦୦୦ ମସିହାରୁ ୨୦୧୨ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି। କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି। ୨୦୧୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି। ଶ୍ରୀଲଙ୍କା ମଧ୍ୟ ମାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର। ଭାରତରେ ଏବେ ବି ମାଲେରିଆର ପ୍ରକୋପ ଭୟଙ୍କର। କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ। ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ। ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ। ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି। ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି। ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ। ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍‌ସିତ ସୁଫଳ ମିଳିନାହିଁ। ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି। ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ।

**(ସୌଜନ୍ୟ: ପ୍ରଫେସର ଡାକ୍ତର ଉମେଶଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୦୫୧୯୫୭)**

## ପାଟକୁରା ଗାନ୍ଧୀ ରାଜକିଶୋର ନାୟକ



**ଗା**ନ୍ଧିବାଦୀ ରାଜକିଶୋର ନାୟକ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ଓ ଶିକ୍ଷକ। ତାଙ୍କ ସରଳ ନିରାଡ଼ମ୍ବର ଜୀବନ କେବଳ ପୀଡ଼ିତଙ୍କ ଲାଗି ଉତ୍ସର୍ଗ ଥିଲା। ନିଃସ୍ୱାର୍ଥପର ଏହି ଜନସେବକ ପାଟକୁରା ଗାନ୍ଧୀ ଭାବେ ପରିଚିତ। କେନ୍ଦ୍ରାପଡ଼ାର ପାଟକୁରା ସ୍ଥିତ ଅରିଲୋ ଗ୍ରାମରେ ଜନ୍ମିତ ରାଜକିଶୋର ୧୯୭୦ରେ ପାଟକୁରା ପଞ୍ଚାୟତ ସମିତିର ଅଧକ୍ଷ ଭାବେ ନିଯୁକ୍ତ ହୋଇଥିଲେ। ବନ୍ୟା-ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟରେ ପୀଡ଼ିତଙ୍କ ଉଦ୍ଧାର ଲାଗି ସେ ଦେବଦୂତ ସାଜୁଥିଲେ। ରାଜନୀତି ପ୍ରତି ମଧ୍ୟ ତାଙ୍କର ଆଗ୍ରହ ଥିଲା। ପାଟକୁରାରୁ ଦୁଇ ଦୁଇଥର ବିଧାନସଭା ନିର୍ବାଚନ ଜିତି ଅନେକ ଜନମଙ୍ଗଳ କାର୍ଯ୍ୟ ସେ କରିଥିଲେ। ୧୯୭୭ ଓ ୧୯୯୩ରେ ଦୁଇଥର ଓଡ଼ିଶା ଖଦି ଓ ଗ୍ରାମଦ୍ୟୋଗ ବୋର୍ଡ଼ର ସେ ଅଧକ୍ଷ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ବିଷୟରେ ଏକ ଉଲ୍ଲେଖଯୋଗ୍ୟ କଥା ହେଉଛି, ଉତ୍କଳ କଂଗ୍ରେସର ସଭାପତି ବିଜୁବାବୁ ନିର୍ବାଚନ ଲଢ଼ିବା ଲାଗି ଖର୍ଚ୍ଚ ବାବଦକୁ ଯାହା ଅର୍ଥ ପ୍ରଦାନ କରିଥିଲେ, ତନ୍ମଧ୍ୟରୁ ରାଜକିଶୋର ଅଧା ଖର୍ଚ୍ଚ କରି ବାକି ଫେରାଇ ଦେଇଥିଲେ। ଏଥିରୁ ତାଙ୍କ ସଚ୍ଚୋଟତା ସ୍ପଷ୍ଟ ଅନୁମେୟ। ଓଡ଼ିଶା ତଥା ଭାରତୀୟ ରାଜନୀତିରେ ଏହା ଏକ ବିରଳ ଘଟଣା। ରାଜନୀତିରୁ ଅବସର ପରେ ଗୋସେବାରେ ସେ ସମୟ ବିତାଉଥିଲେ। ସ୍ୱାସ୍ଥ୍ୟବସ୍ଥା ଖରାପ ଥିଲେ ବି ସେ ଭାଙ୍ଗି ପଡ଼ିନଥିଲେ। ଶେଷ ପର୍ଯ୍ୟନ୍ତ ଅସୁରେଶ୍ୱର ସ୍ଥିତି ଗୋଶାଳର ଦେଖାଶୁଣା କରିଥିଲେ। ଦୀର୍ଘ ଦିନର ଅସୁସ୍ଥତା ପରେ ୨୦୧୦ ଜାନୁଆରୀ ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା। ସମସାମୟିକ ଓଡ଼ିଶା ରାଜନୀତିରେ ତାଙ୍କ ପରି ଜଣେ ନିର୍ବିବାଦୀୟ, ଗାନ୍ଧୀବାଦୀ, ସାଧୁତା ଓ ସଚ୍ଚୋଟତା, ରାଜନୀତିକୁ ସେବା ଭାବୁଥିବା ନେତୃତ୍ୱ ଅତ୍ୟନ୍ତ ବିରଳ। ଓଡ଼ିଶାବାସୀ ତାଙ୍କୁ ଚିରକାଳ ମନେ ରଖିବେ। ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ପାଟକୁରା ଗାନ୍ଧୀ ଭାବେ ପରିଚିତ ଏହି ବ୍ୟକ୍ତିତ୍ୱଙ୍କ ସୁଯୋଗ୍ୟ ଦାୟଦ ଯିଏକି ତାଙ୍କ ପିତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇଛି ସେ ହେଉଛନ୍ତି ଆଜିର ବିଜେଡ଼ି ଦଳର ଅନ୍ୟତମ ମାର୍ଗ ପୁରୋଧା, ଯୁବନେତୃତ୍ୱର ଅଧିକାରୀ ତଥା ନବୀନ ବାବୁଙ୍କ ଅତ୍ୟନ୍ତ ଅନୁଗତ ଓ ବିଶ୍ୱସ୍ତ ତାଙ୍କ ପୁତ୍ର ଅତନୁ ସବ୍ୟସାଚୀ ନାୟକ। ଏହି ଲେଖକ ତାଙ୍କର ସାନ୍ନିଧ ଓ ବ୍ୟକ୍ତିଗତ ସ୍ନେହ ଭଲପାଇବା ଯାହା ପାଇଛି ତାହା ଚିରସ୍ମରଣୀୟ ହୋଇ ରହିବ। ଆସନ୍ତୁ ଆଜିପରି ସ୍ମରଣୀୟ ଦିନରେ ଏପରି ଦିନରେ ଜଣେ ସ୍ମରଣୀୟ ଓ କିମ୍ବଦନ୍ତୀ ମହାନାୟକ ସଂଗ୍ରାମୀ ରାଜନେତାଙ୍କୁ ସ୍ମରଣ କରିବା। ତାଙ୍କ ଅବିସ୍ମରଣରେ କେବଳ କେନ୍ଦ୍ରାପଡ଼ା ନୁହେଁ ଓଡ଼ିଶା ପ୍ରଗତି କରୁ ଏହା ହିଁ ହେବ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

**ତ୍ରୈଲୋକ୍ୟନାଥ ପରିଡ଼ା, କେନ୍ଦ୍ରାପଡ଼ା,**
**ଦୂରଭାଷ: ୯୪୩୭୬୦୭୯୦୦**

## ସ୍କାଉଟ ଗାଇଡ୍ ସଂଗଠନର ନୂତନ ବର୍ଷର ଅଭିନନ୍ଦନ



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନର କର୍ମକର୍ତ୍ତାମାନେ ନୂତନ ବର୍ଷ ୨୦୨୦ ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ମାନ୍ୟବର ରାଜ୍ୟପାଳ ପ୍ରଫେସର ଡଃ ଗଣେଶୀ ଲାଲ, ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ, ଉଚ୍ଚ ଶିକ୍ଷାମନ୍ତ୍ରୀ ଡଃ. ଅରୁଣ ସାହୁ, ମାନ୍ୟବର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ଦେବୀପ୍ରସାଦ ମିଶ୍ର, ରାଜ୍ୟ ସଂଗଠନର ଉପସଭାପତି ତଥା ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଚିରଞ୍ଜିବ ବିଶ୍ୱାଳ, ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳିପ୍ରସାଦ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ନୂତନ ବର୍ଷର ଅଭିନନ୍ଦନ ଜଣାଇଛନ୍ତି । ଆଗାମୀ ବର୍ଷ ରାଜ୍ୟ ସଂଗଠନ ବିଧିବଦ୍ଧ ଭାବେ ତା'ର କାର୍ଯ୍ୟ ସୂଚାରୁରୂପେ ଜାରି ରଖିବ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com






ଯୋଧପୁର : ବିଏସ୍‌ଏଫ୍ ଅଫିସରଙ୍କ ସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଫଟୋପୋଜ

# ଜାନୁଆରୀ ୧୯ରେ ଚଳିତ ବର୍ଷର ପଲସ ପୋଲିଓ ଟିକାକରଣ

## ଅପହଂଚ ଇଲାକା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା




ବାଲେଶ୍ୱର(ପିଏନ)- ଗତକାଲି ଅପରାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ସ୍ଥିତ ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ ଠାରେ ପଲସ୍ ପୋଲିଓ ଟିକାକରଣ ଅଭିଯାନ ସମ୍ପର୍କିତ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପଲସ ପୋଲିଓ ଟିକାକରଣ ଅଭିଯାନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଚଳିତ ଜାନୁଆରୀ ମାସ ୧୯, ୨୦ ଓ ୨୧ତାରିଖ ଦିନ ଜିଲ୍ଲାର ସମସ୍ତ ୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ପଲସ ପୋଲିଓ ଟିକାଦାନ କରାଯିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି । ବିଶେଷ ଭାବେ ଅପହଂଚ ଇଲାକାଗୁଡିକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ଯେଉଁ ସ୍ଥାନରେ ଗତଥର ସମସ୍ୟା ରହିଥିଲା ଏବଂ କୌଣସି କାରଣରୁ ଶିଶୁମାନେ ଟିକାକରଣରୁ ବଂଚିତ ହୋଇଥିଲେ ସେ ସବୁ ସ୍ଥାନକୁ ନିଜେ ସ୍ୱାସ୍ଥ୍ୟ ଅଧିକାରୀ ପରିଦର୍ଶନ କରି ଟିକାକରଣକୁ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବିଭିନ୍ନ ସ୍ଥାନରେ ରହିଥିବା ଇଟାଭାଟିର ଶ୍ରମିକମାନଙ୍କ ଶିଶୁମାନଙ୍କୁ ଚିହ୍ନଟ କରି ଟିକାକରଣ କରିବାକୁ ବାଧ୍ୟତାମୂଳକ କରାଯାଇଛି । ଯଦି ଏଥିରେ ଅସୁବିଧା ହୁଏ ତେବେ ଚିହ୍ନଟ ପାଇଁ ସ୍ଥାନୀୟ ତହସିଲଦାରମାନଙ୍କ ସହାୟତା ନେଇ ଶିଶୁମାନଙ୍କ ପାଖରେ ପହଂଚିବାକୁ ସେ କହିଛନ୍ତି । ତଦ୍ ବ୍ୟତୀତ ରେଳ ଷ୍ଟେସନ, ବସଷ୍ଟାଣ୍ଡଗୁଡିକରେ ମୋବାଇଲ ଟିମ୍ ସଜାଗ ରହି ଟିକାଦାନ କରିବେ । ଏଥିପାଇଁ ପ୍ରଚାର ପ୍ରସାର ପାଇଁ ବ୍ୟବସ୍ଥା କରାଯାଇଛି । ପ୍ରାଚୀରପତ୍ର ଲିଫଲେଟ୍ ଛପାଯାଇ ଜିଲ୍ଲାର ସମସ୍ତ ବ୍ଲକ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ପଂଚାୟତ କାର୍ଯ୍ୟାଳୟ ଏବଂ ଜନଗହଳି ଅଂଚଳରେ ଲଗାଯିବ । ତା ଛଡା ସବୁ ସ୍କୁଲର ପ୍ରାର୍ଥନା ସଭାରେ ଏ ସଂପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରି ତାଙ୍କ ପରିବାର ଏବଂ ପାଖ ପଡୋଶୀ ପରିବାରରେ ବାର୍ତ୍ତା ପହଂଚାଇବାକୁ ସ୍ୱତନ୍ତ୍ର ଭାବେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି ଅଙ୍ଗନୱାଡି କେନ୍ଦ୍ରଗୁଡିକ ମାଧ୍ୟମରେ ଅଙ୍ଗନୱାଡି କର୍ମୀ ଓ ଆଶା ଦିଦିମାନେ ନିଜ ଅଂଚଳରେ ପ୍ରଚାର ପ୍ରସାର କରିବା ଦାୟିତ୍ୱରେ ରହିବେ । ଏହାକୁ ସଫଳ କରିବା ଏବଂ ଟିକାକରଣରୁ କୌଣସି ଶିଶୁ ଯେପରି ବାଦ ନ ପଡନ୍ତି ସେଥିଲାଗି ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଜିଲ୍ଲାରେ ୦ରୁ ୫ ବର୍ଷ ମଧ୍ୟରେ ଥିବା ପ୍ରାୟ ୨ ଲକ୍ଷ ୧୩ହଜାର ୨୯୯ ଶିଶୁଙ୍କୁ ନିର୍ଦ୍ଧାରିତ ଦିନରେ ୧ହଜାର ୪୩ଟି ବୁଥ ମାଧ୍ୟମରେ ଟିକାଦାନ କରାଯିବ । ଏଥିଲାଗି ୨ହଜାର ୮୬ଟି ଟିମ ଗଠନ କରାଯାଇ ୪ହଜାର ୧୭୨ଜଣ କର୍ମଚାରୀଙ୍କୁ ମୁତୟନ କରାଯାଇଥିବା ବେଳେ ଏହାର ତଦାରଖ ପାଇଁ ୨୦୯ଜଣ ସୁପରଭାଇଜରଙ୍କୁ ଦାୟିତ୍ୱ ଦିଆଯାଇଛି । ଏହି କାର୍ଯ୍ୟକ୍ରମ ପାଇଁ ଯଥେଷ୍ଟ ସଂଖ୍ୟାରେ ଗାଡି ତଥା ବୁଥ ମାନଙ୍କରେ କର୍ମଚାରୀ ଏବଂ ସୁପରଭାଇଜର ନିୟୋଜିତ କରିବା, ମୋବାଇଲ ଟିମ ଗଠନ କରିବା, ସବୁ ବୁଥଗୁଡିକରେ ଯଥେଷ୍ଟ ସଂଖ୍ୟାରେ ଟିକା ମହଜୁଦ କରି ରଖିବା ଏବଂ ବୁଥ ଗୁଡିକରେ ଆଇନଶୃଙ୍ଖଳା ବ୍ୟବସ୍ଥା ପ୍ରତି ନଜର ରଖିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦ୍ଦେବ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅନ୍ତର୍ଯ୍ୟାମୀ ମିଶ୍ର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶଶାଙ୍କ ଶେଖର ଚୌଧୁରୀ, ଡି.ପି.ଏମ. ଶ୍ରୀ ଅନୀଲ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ସୁବାଷ ନିଆଲ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ କୁସୁମବାଳା ମିଶ୍ର, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପ୍ରମୋଦ କୁମାର ଷଡଙ୍ଗୀଙ୍କ ସମେତ ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ୫-ଟିର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ : ଅବ୍ୟବସ୍ଥା ଘେରରେ ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ବିଭାଗ

ଭଦ୍ରକ, (ପିଏନ)- ଶିଶୁ ଓ ମହିଳାମାନଙ୍କ ସର୍ବାଙ୍ଗୀନ ଉନ୍ନତିକୁ ଲକ୍ଷ୍ୟରେ ରଖି ୧୯୭୫ ମସିହାରେ ଭାରତ ସରକାର ସମନ୍ୱିତ ଶିଶୁ ବିକାଶ ବିଭାଗର ଶୁଭାରମ୍ଭ କରିଥିଲେ । ଏହି ବିଭାଗ ଅଧୀନରେ ବିଭିନ୍ନ ଯୋଜନାମାନ ଆରମ୍ଭ କରାଯାଇଥିଲା । କିନ୍ତୁ ଓଡ଼ିଶାରେ ଏହା ଗତ ୧୯୯୪-୯୫ ମସିହାରେ କାର୍ଯ୍ୟକାରୀ ହୋଇଥିଲା । ଅନୁରୂପ ଭାବେ ଭଦ୍ରକ ଜିଲା ବନ୍ତ ବ୍ଲକ୍‌ରେ ଏହା ୧୯୯୭-୯୮ ମସିହାରୁ କାର୍ଯ୍ୟକାରୀ ହୋଇଆସୁଛି । ତେବେ ବର୍ତ୍ତମାନର ବିଜେଡି ସରକାର ଗତବର୍ଷ ଡିସେମ୍ବର ମାସରେ ଏହି ବିଭାଗଟିକୁ ୫-ଟି ଓ ମୋ ସରକାରରେ ଅନ୍ତର୍ଭୁକ୍ତ କରିଛନ୍ତି । ମାତ୍ର ଏବେ ଏହି ବିଭାଗଟିର ଅବ୍ୟବସ୍ଥାକୁ ଦେଖିଲେ ସରକାରଙ୍କ ଯୋଜନାର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଭାଗଟିର ନିଜସ୍ୱ ଗୃହ ଏବେ ନିର୍ମାଣଧୀନ ଥାଇ ଏହାର ଅର୍ଦ୍ଧାଧିକ କାର୍ଯ୍ୟ ପୁରାତନ ଭଂଗା ଦଦରା ଘରେ ବିପଦ ସଂକୁଳ ପରିସ୍ଥିତିରେ ଚାଲୁଥିବାବେଳେ ବ୍ଲକ୍ ପକ୍ଷରୁ ରାଜୀବ ସେବା କେନ୍ଦ୍ରରେ ମିଶନ ଶକ୍ତିକୁ ଅସ୍ଥାୟୀ ରୂପେ ମିଳିଥିବା ଏକ କୋଠରୀରେ ବିଭାଗୀୟ ଅଧିକାରୀଙ୍କ ସହ କର୍ମଚାରୀମାନେ ନିଜର କାର୍ଯ୍ୟ ସଂପାଦନ କରୁଛନ୍ତି । ୨୫ଟି ପଂଚାୟତରେ ପାଖାପାଖି ୨୩୮ ଟି ଅଙ୍ଗନୱାଡି କେନ୍ଦ୍ର ଏହି ବିଭାଗ ଅଧୀନରେ ଥିବାବେଳେ ଏହାକୁ ତଦାରଖ କରିବା ପାଇଁ ବିଭାଗର ନିଜସ୍ୱ ଗାଡି ଗତ ପ୍ରାୟ ୬ ମାସ ହେବ ଅଚଳ ହୋଇପଡିଥିବାରୁ ଏଥିରେ ଘୋର ବ୍ୟାହତ ସୃଷ୍ଟି ହେଉଛି ।

ଅଧିକାରୀ ଜଣକ କେନ୍ଦ୍ର ଗୁଡିକର ତଦାରଖ ପାଇଁ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ୬ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତି ଶିଶୁଙ୍କୁ ଟୀକାକରଣ, ସ୍ୱାସ୍ଥ୍ୟ, ପୃଷ୍ଟିହୀନତା ଦୂରୀକରଣ, ଶିକ୍ଷା, ପ୍ରାପ୍ତ ବୟସ୍କାଙ୍କୁ ଶାରୀରିକ ଶିକ୍ଷା ପ୍ରଦାନ ଭଳି ବହୁ ବ୍ୟବସ୍ଥା ରହିଥିଲେ ମଧ୍ୟ ଅନେକ କେନ୍ଦ୍ର ଅବ୍ୟବସ୍ଥା ମଧ୍ୟରେ ଗତି କରୁଥିବାରୁ ଏ ସମସ୍ତ କାର୍ଯ୍ୟର ସଠିକ୍ ତଦାରଖ ଠିକ୍ ସମୟରେ କରାଯାଇପାରୁନାହିଁ । କର୍ମଚାରୀଙ୍କ ଅଭାବ ଯେପରିକି ଆବଶ୍ୟକ ମୁତାବକ ସୁପରଭାଇଜର, କିରାଣୀ ଓ ପିଅନ ନଥିବାରୁ ମଧ୍ୟ କାର୍ଯ୍ୟ ସଂପାଦନରେ ମଧ୍ୟ ବାଧା ସୃଷ୍ଟି ହେଉଛି ।

ଏହି ବିଭାଗ ସହ ମିଶନ ଶକ୍ତି ଯୋଡି ହୋଇଯାଇଥିବାରୁ ଏହାର ବିଭିନ୍ନ କାର୍ଯ୍ୟକ୍ରମକୁ ଠିକ୍ ଭାବେ ସଂପାଦନା କରିବା ପାଇଁ ମଧ୍ୟ ଆବଶ୍ୟକ କର୍ମଚାରୀ ନଥିବାରୁ ନାହିଁ ନଥିବା ସମସ୍ୟା ସୃଷ୍ଟି ହେଉଛି । ଏହିଭଳି ଭାବେ ଏହି ବିଭାଗଟି ମନ୍ଥର ଗତିରେ ଗତି କରୁଥିବାବେଳେ ଏହାର ସ୍ଥାୟୀ ସମାଧାନ କରାନଗଲେ ସରକାରଙ୍କ ୫-ଟିର ସଫଳ ରୂପାୟନ କିଭଳି ହୋଇପାରିବ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

### ବାପୁ ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ

# ପ୍ରଥମ ଦିବସରେ କ୍ରେଜି ଇଲେଭେନ ଓ ଜେଏମସିଟି ବିଜୟୀ

ଭଦ୍ରକ, (ପିଏନ)- ବାପୁ ଫ୍ରେଣ୍ଡସ୍ କ୍ଲବ୍ ଆନୁକୂଲ୍ୟରେ ୫ମ ବାପୁ ମୋମୋରିଆଲ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଚରମ୍ପା ଜାଭିୟର୍ସ ସ୍କୁଲ ନିକଟସ୍ଥ କ୍ରୀଡ଼ାଙ୍ଗନ ଠାରେ ଉଦଘାଟିତ ହୋଇଯାଇଛି । ଉକ୍ତ ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ଗୌରହରି ଦାସ ଓ ସୁବ୍ରତ ଦାସ ଉଦଘାଟନ କରିଥିଲେ । ଆଜି ଖେଳାଯାଇଥିବା ଦୁଇଟି ମ୍ୟାଚରେ ତଳାଙ୍ଗର ଜେଏମସିଟି କ୍ରିକେଟ କ୍ଲବ ଓ କ୍ରେଜି ଇଲେଭେନ ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚ ଜେଏମସିଟି ଓ ଭଦ୍ରକ ବାଇପାସର ସାଲନ୍ଦୀ କ୍ଲବ ମଧ୍ୟରେ ଖେଳାଯାଇଥିଲା ।

ଜେଏମସିଟି ପ୍ରଥମେ ଟସ ଜିଣି ବ୍ୟାଟିଂ କରି ବିଶ୍ୱନାଥ ବାରିକଙ୍କ ୫୧ ରନ ସହାୟତାରେ ନିର୍ଦ୍ଧାରିତ ୧୫ ଓଭରରେ ୱିକେଟ ହରାଇ ୧୯୭ ରନ କରିଥିଲା । ଏହାର ଜବାବରେ ସାଲନ୍ଦୀ କ୍ଲବ ୧୦୪ରନ କରି ପରାସ୍ତ ହୋଇଥିଲା । ଅଲରାଉଣ୍ଡ ସାଫଲ୍ୟ ପାଇଁ ପ୍ରଭାତ ମଲ୍ଲିକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଦ୍ୱିତୀୟ ମ୍ୟାଚଟି ବାରିକଛକ କ୍ରେଜି ଇଲେଭେନ ଓ ଅନ୍ନପାଳ ଫୁରିଅସ୍ ଆଟାକ ମଧ୍ୟ ଖେଳାଯାଇଥିଲା । ଟସ ଜିଣି ପ୍ରଥମେ ବ୍ୟାଟିଂ କରି କ୍ରେଜି ଇଲେଭେନ ୪ୱିକେଟ ହରାଇ ୨୭୯ ରନ ସଂଗ୍ରହ କରିଥିଲ ।

ଦଳ ପକ୍ଷରୁ ଇମ୍ରାନ ଖାନ ୧୧୨ ଓ ରିଆଜ ଖାନ ୪୯ରନସଂଗ୍ରହ କରିଥିଲେ । ଏହାର ଜବାବରେ ଫୁରିଅସ ଆଟାକ ଦଳ ୧୧୧ରନ କରି ପରାସ୍ତ ହୋଇଥିଲା । ଇମ୍ରାନ ଖାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଉକ୍ତ ଦୁଇ ମ୍ୟାଚକୁ ଇଶ୍ୱର ରାଓ, ମାନସ ଘଡ଼ାଇ ପରିଚାଳନା କରିଥିବାବେଳେ, ରାଜେଶ ନାୟାର ସ୍କୋରର ଦାୟିତ୍ୱ ତୁଲାଇଥିଲେ । ରଂଜିତ ଦାସ, ଭବାନୀ ମହାପାତ୍ର, ରାଜେଶ ଦାସ, ଦେବାଶିଶ ସାହୁ, ଟି ଶିବା, ଲାକ୍ଷାଦିପ ଦାସ, ସୁଦିପ୍ତ ପଟ୍ଟନାୟକ, ବାପି ସ୍ୱାଇଁ, ସଂଜିତ ଦାସ, ପ୍ରିୟବ୍ରତ ଛତାର, ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ ।

### ଦୀଲିପ୍ ବିଲ୍ଡକନ୍ କମ୍ପାନୀ ବ୍ୟବହାର କରୁଥିବା କଞ୍ଚାମାଲର ତଦନ୍ତ

ଧର୍ମଶାଳା ୩୧ (ପି.ଏନ୍) : ଚଣ୍ଡିଖୋଲରୁ ଭଦ୍ରକ ୧୬ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟକରୁଥିବା ଦୀଲିପ୍ ବିଲ୍ଡକନ୍ କମ୍ପାନୀ ବ୍ୟବହାର କରୁଥିବା ଲଘୁ ଖଣିଜ ସାମଗ୍ରୀର ତଦନ୍ତ କରିଛି ସିଆ ଟିମ୍ । ଏହି କମ୍ପାନୀ ରାସ୍ତା ପ୍ରସସ୍ତିକରଣରେ ବ୍ୟବହାର କରୁଥିବା ମାଟି, ମୋହରମ, ପଥର ଆଦି ସାମଗ୍ରୀର ପରିମାଣକୁ ସିଆଇର ଆଜି ଏକ ସ୍ୱତନ୍ତ୍ର ଟିମ୍ ଜାଞ୍ଚ କରିଥିଲା । ସିଆର ଏହି ଟିମ୍‌ରେ ଅଧିକାରୀ ଶକ୍ତିକାନ୍ତ ସାହୁ, ଯାଜପୁର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଧଳ, ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, କଳିଙ୍ଗ ନଗର ଆରଓ ପ୍ରମୋଦ କୁମାର ବେହେରା ପ୍ରମୁଖ ସାମଗ୍ରୀର ପରିମାଣ ବିଭିନ୍ନ ସ୍ଥାନ ବୁଲି ଆକଳନ କରିଥିଲେ । ପ୍ରକାଶ ଥାଉକି ରାସ୍ତା ନିର୍ମାଣ କମ୍ପାନୀ ମାଟି ଉଠାଣ ପାଇଁ ଧର୍ମଶାଳା ତହସିଲ କାର୍ଯ୍ୟାଳୟରେ ୭୦ ଲକ୍ଷ ଟଙ୍କା ରୟାଲିଟି ବାବଦକୁ ଜମା କରିଛି । ବ୍ୟବହାର ହେଉଥିବା ମାଟିର ପରିମାଣ ଅଧିକ ହୋଇଥିବା ନିୟମ ଅନୁସାରେ ଠିକା ସଂସ୍ଥା ଠାରୁ ଅଧିକ ରୟାଲିଟି ଆଦାୟ କରିବା ପାଇଁ ତହସିଲ ପ୍ରଶାସନକୁ ଏହି କମିଟି ସୁପାରିସ୍ କରିଛି ।

### ଜାରକା ରୋଟାରୀ ଓ ଇନରହୁଇଲ୍ କ୍ଲବ ପକ୍ଷରୁ ନବବର୍ଷ ପାଳନ

ଧର୍ମଶାଳା ୩୧ (ପି.ଏନ୍) : ଧର୍ମଶାଳା ବ୍ଲକ ଜାରକାସ୍ଥିତ ରୋଟାରୀ କ୍ଲବ ଓ ଇନରହୁଇଲ୍ ଜାରକା ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଏକ ମନୋରଂଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ନୂଆବର୍ଷକୁ ସ୍ୱାଗତ କରି ରୋଟାରୀ କ୍ଲବକୁ ଅଜାମ୍ବର ସାହୁ, ସମ୍ପାଦକ ଶିକ୍ଷାବିତ୍ ହରିହର ପଣ୍ଡା, ପୂର୍ବତନ ସଭାପତି ପ୍ରଦିପ୍ତ କୁମାର ବରାଳ, କ୍ୟାପ୍‌ଟେନ୍ ତ୍ରିଲୋଚନ ବିଶ୍ୱାଳ, କଳାକାର ମହାନ୍ତି, ଅବସରପ୍ରାପ୍ତ ସିଡିଏମ୍‌ଓ ଡା. ବିଜୟ କୁମାର ଶତପଥୀ, ଡା. ରମେଶ ଚନ୍ଦ୍ର ସାହୁ, ପ୍ରମୋଦ କୁମାର ସାମଲ, ଇଂ. ବିପିନ କିଶୋର ଶଡ଼ଙ୍ଗୀ, ନିରଞ୍ଜନ ପାଣିଗ୍ରାହୀ, ଜୟପ୍ରକାଶ ତ୍ରିପାଠୀ, ପୂର୍ବତନ ସଭାନେତ୍ରୀ ମିନତୀ ସାହୁ, ମାଧୁରୀ ଶତପଥୀ, ଅର୍ଚ୍ଚନା ସ୍ୱାଇଁ, ଅଜନ୍ତା ପାଣିଗ୍ରାହୀ, ଇନରହୁଇଲ୍ ସଭାନେତ୍ରୀ କଳ୍ପନା ପରିଡା, ସମ୍ପାଦିକା, ଲୋପାମୁଦ୍ରା ଷଣ୍ଢ, ଉପାସନା ଶତପଥୀ, ପ୍ରତିଭା ସାହୁ, ସଂକୁନ୍ତଳା ମହାନ୍ତି ପ୍ରମୁଖ ବିଗତ ବର୍ଷର ସେବା କାର୍ଯ୍ୟରେ ସମୀକ୍ଷା କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

### ଉତ୍କଳମଣୀ ଗୋପବନ୍ଧୁ ସେବା ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ଧର୍ମଶାଳା ୩୧ (ପି.ଏନ୍) : ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅରଙ୍ଗାବାଦ୍ ଶ୍ୟାମସୁନ୍ଦର ମନ୍ଦିର ପରିସରେ ଉତ୍କଳମଣୀ ଗୋପବନ୍ଧୁ ସେବା ସଂଘ ଜାରକା ପକ୍ଷରୁ ନବବର୍ଷ ଉପଲକ୍ଷେ ବନ୍ଧୁ ମିଳନ ଓ ସାଂସ୍କୃତି କାର୍ଯ୍ୟକ୍ରମ ଅବସରପ୍ରାପ୍ତ ସିଡିଏମ୍‌ଓ ତଥା ଅନୁଷ୍ଠାନର ସଭାପତି ଡା. ବିଜୟ କୁମାର ଶତପଥୀଙ୍କ ପୌରହିତରେ ଅନୁଷ୍ଠିତ ହୋଇଯାଇଛି । ସଂପାଦକ ତଥା ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରମେଶ ଚନ୍ଦ୍ର ସାହୁ, ସେବା ସଂଘର ସେବା କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରତିଷ୍ଠାତା ସଭ୍ୟ ତଥା ଅବସରପ୍ରାପ୍ତ ପ୍ରଶାସକ ଅକ୍ଷୟ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିଲେ । ନବବର୍ଷ ଅବସରରେ ବନ୍ଧୁ ମିଳନ ବୈଠକରେ ଧର୍ମଶାଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚାଉ ପଟ୍ଟନାୟକ, ଅଧ୍ୟାପକ ଜଳଧର ସାହୁ, ଦାମୋଦର ପତି, ଅଭିମନ୍ୟୁ ପଣ୍ଡା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ଜାନୁଆରୀ ୭ରେ ଭୁବନେଶ୍ୱରରେ ସାରେଗାମାପା ଲିଟିଲ୍ ଚାମ୍ପସ୍ ଅଡିସନ

ଭୁବନେଶ୍ୱର: ଦେଶବ୍ୟାପୀ ପ୍ରତିଭାଶାଳୀ ଶିଶୁ ଗାୟକଙ୍କ ଧମାକେଦାର ଓ ସୁମଧୁର ପ୍ରଦର୍ଶନ ମାଧ୍ୟମରେ ଦର୍ଶକଙ୍କ ହୃଦୟ ଜିତିବା ପରେ ଜୀ ଟିଭିର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଲୋକପ୍ରିୟ ସଙ୍ଗୀତଭିତିକ ରିୟଲିଟି ଶୋ' ସାରେଗାମାପା ଲିଟିଲ୍ ଚାମ୍ପସ୍ ପୁଣିଥରେ ଫେରିଆସିଛି । ଏହି କାର୍ଯ୍ୟକ୍ରମ ଦେଶର ବିଭିନ୍ନ ଶୋ'ରେ ଅଡିସନ୍‌ର ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି । ଭୁବନେଶ୍ୱରରେ ଏହାର ଅଡିସନ୍ ଆସନ୍ତା ୭ ତାରିଖ ମଙ୍ଗଳବାର ସକାଳ ୮ଟା ପରଠାରୁ ଭୁବନେଶ୍ୱରର ପଟିଆଠାରେ ଥିବା କିଟ୍ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ୬ ସ୍ଥିତ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ହେବ । ତେବେ ଅଡିସନରେ ଭାଗ ନେବା ପାଇଁ ପିଲାମାନଙ୍କୁ ପ୍ରଥମେ ପଞ୍ଜୀକରଣ କରାଇବାକୁ ହେବ । ଏଥି ପାଇଁ ବୟସ ସୀମା ୧୫ ବର୍ଷ ରହିଥିବାବେଳେ ଅଡିସନ୍ ପାଇଁ ପଞ୍ଜୀକରଣ ନିମନ୍ତେ ୭୩୦୪୧୮୯୧୯୪/ ୮୮୨୮୨୯୦୨୯୧ରେ କଲ୍ କରିବାକୁ ହେବ । ଆଗାମୀ ଦିନଗୁଡିକରେ ଗୋଆ, ଲକ୍ଷ୍ନୌ, ବାଙ୍ଗାଲୁରୁ, ଚଣ୍ଡୀଗଡ, ଇନ୍ଦୋର, ପାଟ୍‌ନା, ଜୟପୁର, ନାଗପୁର, ପୁନେ, ଅହମ୍ମଦାବାଦ, କୋଲ୍‌କାତା, ଦିଲ୍ଲୀ ଓ ମୁମ୍ବାଇରେ ଏହାର ଅଡିସନ ଆୟୋଜିତ ହେବ ।

ସାରେଗାମାପା ଲିଟିଲ ଚାମ୍ପସ୍‌ର ପୂର୍ବ ସିଜିନ୍‌ରେ ସୁଗନ୍ଧା ଦାତେ ବିଜୟୀ ହୋଇଥିବା ବେଳେ ଶ୍ରେୟନ ଭଟ୍ଟାଚାର୍ଯ୍ୟ, ଅଞ୍ଜଳି ଗାୟକ୍ୱାଡ, ତାନ୍ୟା ଶର୍ମା, ସନ୍‌ମୁଖ୍ ପ୍ରିୟା, ସୋନାକ୍ଷି କର ଓ ସମସ୍ତଙ୍କ ପ୍ରିୟ 'ଛୋଟେ ଭଗବାନ' ଜୟସ କୁମାରଙ୍କ ଭଳି ସଙ୍ଗୀତ ପ୍ରତିଭାଙ୍କୁ ଦେଶ ସହ ପରିଚିତ କରାଇଥିଲା । ଶିଶୁ ଗାୟକଙ୍କୁ ପରିଚିତ କରାଇବା ଏବଂ ସେମାନଙ୍କୁ ଏତେ କମ୍ ବୟସରୁ ନିଜ ପ୍ରତିଭାର ପ୍ରଦର୍ଶନ କରିବା ପାଇଁ ଏକ ମଞ୍ଚ ପ୍ରଦାନ କରିବାରେ ନିଜର ସାମ୍ରାଜ୍ୟକୁ ଆଗକୁ ବଢାଇ ଏହି ଶୋ' ପୁଣିଥରେ ଯୁବ ସଙ୍ଗୀତ ଆଶାୟୀଙ୍କ ଏକ ନୂଆ ବ୍ୟାଚ୍‌ର ପ୍ରତିନିଧିତ୍ୱ କରିବାକୁ ପ୍ରସ୍ତୁତ ହେଉଛି । ଯୁବ ପ୍ରତିଭାଶାଳୀ ଗାୟକମାନଙ୍କୁ ସେମାନଙ୍କ ସ୍ୱପ୍ନକୁ ବାସ୍ତବରେ ପରିଣତ କରୁଥିବାର ଦେଖିବା ପାଇଁ ପ୍ରସ୍ତୁତ ହୋଇଯାଆନ୍ତୁ, କାରଣ ଜୀ ଟିଭିରେ ଖୁବ୍‌ଶୀଘ୍ର ସାରେଗାମାପା ଲିଟିଲ୍ ଚାମ୍ପସ୍ ପ୍ରସାରିତ ହେବାକୁ ଯାଉଛି ।

# ଧର୍ମଶାଳ ବାଣୀପୀଠ ୧୯୮୬ ବ୍ୟାଚ୍ ବନ୍ଧୁ ମିଳନ



ଧର୍ମଶାଳା ୩୧ (ପି.ଏନ୍) ଧର୍ମଶାଳା ବାଣୀପୀଠ ୧୯୮୬ ମସିହା ବ୍ୟାଚ୍‌ର ବନ୍ଧୁ ମିଳନ ଉତ୍ସବ ଶ୍ରୀମା ଅରବିନ୍ଦ ନିକଟସ୍ଥ ତରାପୁରସ୍ଥିତ ମିଉଜିୟମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ମେଟ୍ରିକ୍ ବ୍ୟାଚ୍‌ରେ ସମସ୍ତ ଛାତ୍ରଛାତ୍ରୀ ସେମାନଙ୍କ ପରିବାର ସହ ଏକତିତ୍ର ହେବା ସହ ଭାବ ବିଭୋର ପରିବେଶ ସୃଷ୍ଟି ହୋଇଥିଲା । ଭୋଜି ଭାତ ସାଙ୍ଗଙ୍କୁ ଅନ୍ତକ୍ଷରୀ ମାଧ୍ୟମରେ ପୁରୁଣା ଦିନର ସ୍ମୃତିକୁ ମନେପକାଇଥିଲେ । ଏହି କାର୍ଯ୍ୟକ୍ରମରେ ସଂଜୀବ କୁମାର ରାୟ, ମୃତ୍ୟୁଞ୍ଜୟ ସାହୁ, ଉତ୍ତମ କୁମାର ମହାନ୍ତି, ଗିରିଧାରି ବଳ, ମୋଫିଜୁର୍ ରହେମାନ୍, ସତ୍ୟନାରାୟଣ ରଥ, ତ୍ରିୟମ୍ବକ ରଥ, ଇଶ୍ୱର ଚନ୍ଦ୍ର ମହାନ୍ତି, ନିକୁଞ୍ଜ ଚରଣ ଦାସ, ଅବ୍‌ଦୁଲ୍ ୱାହବ, ସୁଶାନ୍ତ କୁମାର ରାଉତ, ଗଗନ ବିହାରୀ ପାଳ, ଅଜୟ କୁମାର ପାଳ, ବିପ୍ର ପ୍ରସାଦ ତ୍ରିପାଠୀ, ଜ୍ଞାନେନ୍ଦ୍ର ମହାନ୍ତି, ପରମାନନ୍ଦ ବେହେରା, ପ୍ରସନ୍ନ କୁମାର ବେହେରା, ପ୍ରଣବ କୁମାର ନାଥ, ଗୁରୁ ଚରଣ ମହାନ୍ତି, ଆସୁତୋଷ ମୁଦୁଲି, ହୃଷିକେଶ ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ତୃପ୍ତିବନ୍ଦନା ବେହୁରୀଆ, ଜ୍ୟୋତିପ୍ରଭା ଲେଙ୍କା, ଭାଗ୍ୟଲକ୍ଷ୍ମୀ ସାମଲ, ମିତ୍ରଲେଖା ନାୟକ, ସ୍ମିତାରାଣୀ ଶତପଥୀ, ସ୍ୱର୍ଣ୍ଣପ୍ରଭା କର, ସାଏରା ବାନୁ, ରେଣୁବାଳା ରାଉତ ସମେତ ଏହି ମେଟ୍ରିକ୍ ବ୍ୟାଚ୍‌ର ସମସ୍ତ ପୁରାତନ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ଭୁବନେଶ୍ୱରରେ ୱେଷ୍ଟସାଇଡ୍‌ର ଏଣ୍ଡ୍ ଅଫ୍ ସିଜନ୍ ସେଲ୍

ଭୁବନେଶ୍ୱର, ୩/୧ : ଭାରତର ଅଗ୍ରଣୀ ଫେସନ ଷ୍ଟୋର ୱେଷ୍ଟସାଇଡ୍ ପକ୍ଷରୁ ଭୁବନେଶ୍ୱରରେ ଏଣ୍ଡ୍ ଅଫ୍ ସିଜନ୍ ସେଲ୍ ବିଷୟରେ ଘୋଷଣା କରାଯାଇଛି । ଭୁବନେଶ୍ୱରର କଟକ ରୋଡରେ ଏହି ଷ୍ଟୋରଟି ରହିଛି ଯାହା ଟାଟା ଗ୍ରୁପ୍‌ର ଏକ ଅଂଶ । ଏଣ୍ଡ୍ ଅଫ୍ ସିଜନ୍ ସେଲ୍‌ରେ ଗ୍ରାହକମାନେ ପୋଷାକ, ଆକ୍‌ସେସୋରିଜ୍ ଓ କସ୍‌ମେଟିକ୍ସ ଉପରେ ୬୦% ପର୍ଯ୍ୟନ୍ତ ରିହାତି ପାଇପାରିବେ । ଏହି ସେଲ୍ ୨୦୨୦ ଜାନୁଆରି ୧ ଠାରୁ ଆରମ୍ଭ ହୋଇଯାଇଛି ଯାହା ଜାନୁଆରି ଶେଷ ପର୍ଯ୍ୟନ୍ତ ଚାଲିବ ।ୱେଷ୍ଟସାଇଡ୍ ମହିଳାମାନଙ୍କ ପାଇଁ ସମସାମୟିକ ଏବଂ ସ୍ୱତନ୍ତ୍ର ଡିଜାଇନ୍‌ର ପୋଷକ ପ୍ରଦାନ କରୁଛି । ଏହାର ଷ୍ଟୋର୍‌ରେ ୱାଡ୍‌ରୋବ୍, ଲଭ୍, ନୁଅନ୍, ସାସି ସୋଡା, ଜିଆ, ଷ୍ଟୁଡିଓ ଫିଟ୍, ୱାଣ୍ଡର ଲଭ୍, ଭାର୍କ, ବମ୍ବେ ପେସଲି, ଜୁବା ଏବଂ ଉଷା ଆଦି ବ୍ରାଣ୍ଡ୍‌ର ପୋଷାକ ସମ୍ଭାର ରହିଛି ।ୱେଷ୍ଟସାଇଡ୍‌ରେ ପୁରୁଷମାନଙ୍କ ପାଇଁ ସଦ୍ୟତମ ଫେସନର ପୋଷାକ ରହିଛି । ନୁଅନ୍, ଇଟିଏ, ଆସ୍‌କଟ୍, ଷ୍ଟୁଡିଓ ଫିଟ୍ ଓ ଡବ୍ଲ୍ୟୁଇଏସ୍ ଭଳି ପୋଷାକ ସମ୍ଭାର ରହିଛି । ଶିଶୁଙ୍କ ପାଇଁ ଷ୍ଟୋର୍‌ରେ ବେବି ହପ୍, ହପ୍ କିମ୍ବା ୱାଇ ଆଣ୍ଡ୍ ଏଫ୍ ପୋଷାକ ସମ୍ଭାର ରହିଛି । ଷ୍ଟୁଡିଓ ୱେଷ୍ଟ୍ ପ୍ରଦାନ କରୁଛି ବ୍ୟାପକ ବର୍ଗର ବିଉଟି ଉତ୍ପାଦ ଯେଉଁଥିରେ ଭାରତୀୟ ମହିଳାଙ୍କ ପାଇଁ କସମେଟିକ୍ସ, ଆମ୍ବ୍ରୋସିଆଲ ସୁଗନ୍ଧ ଏବଂ ବିଳାସପୂର୍ଣ୍ଣ ବାଥ ଆଣ୍ଡ୍ ବଡି ଉତ୍ପାଦ ରହିଛି ।

# ଆମେରିକାରେ ବେବି ପାଉଡର୍-କ୍ୟାନସର ବିବାଦ ମାମଲାରେ ଜନ୍‌ସନ୍ ଆଣ୍ଡ୍ ଜନ୍‌ସନ୍ ଦୋଷମୁକ୍ତ

ଭୁବନେଶ୍ୱର, ୩/୧ : ଦଶନ୍ଧୀ ଧରି କରାଯାଇଥିବା ସ୍ୱାଧୀନ କ୍ଲିନିକାଲ୍ ପ୍ରମାଣଗୁଡ଼ିକୁ ବିଚାରକ ମଣ୍ଡଳୀ ଯତ୍ନ ସହକାରେ ବିଚାର ନେଇଛନ୍ତି, ଯେଉଁଥିରୁ ଜଣାପଡ଼ିଛି ଯେ, ଜନ୍‌ସନ୍‌ର ବେବି ପାଉଡର୍ ହେଉଛି ସୁରକ୍ଷିତ, ଏଥିରେ କୌଣସି ଆଜବେସ୍ଟସ୍ ନାହିଁ । ଜନସନ୍ ଆଣ୍ଡ୍ ଜନ୍‌ସନ୍ ସପକ୍ଷରେ ଏହା ହେଉଛି ଚତୁର୍ଥ ରାୟ । ମିସୋରି ମହିଳାଙ୍କଠାରେ ହୋଇଥିବା କ୍ୟାନସର୍ ପାଇଁ ଜନସନ୍ ଆଣ୍ଡ୍ ଜନ୍‌ସନ୍ ଦାୟୀ ନୁହେଁ ବୋଲି ଯୁକ୍ତରାଷ୍ଟ୍ର ଆମେରିକାର ବିଚାରକ ମଣ୍ଡଳୀ ନିଷ୍ପତି ନେଇଛି ଯାହା ହେଉଛି କଂପାନିର ଲୋକପ୍ରିୟ ଉତ୍ପାଦର ଆଉ ଏକ ବିଜୟ । ଯୁକ୍ତରାଷ୍ଟ୍ର ଆମେରିକାର ମିସୋରିର ସେଂଟ୍ ଲାଉସି (ଫରେଷ୍ଟ) ମାମଲାରେ ଜନସନ୍ ଆଣ୍ଡ୍ ଜନ୍‌ସନ୍ ସପକ୍ଷରେ ରାୟ ଆସିଛି ଯେଉଁଥିରୁ ଜଣାପଡ଼ିଛି ଯେ ଭିକି ଫରେଷ୍ଟଙ୍କ ରୋଗର କାରଣ ଜନ୍‌ସନ୍‌ର ବେବି ପାଉଡର୍ ନୁହେଁ । "ଜନ୍‌ସନ୍ ଆଣ୍ଡ୍ ଜନ୍‌ସନ୍ କଂପାନିର ପ୍ରବକ୍ତା କହିଛନ୍ତି ଯେ ଏହି ସବୁ ମାମଲାଗୁଡ଼ିକ ମଧ୍ୟରେ ଜନ୍‌ସନ୍ ଆଣ୍ଡ୍ ଜନ୍‌ସନ୍ ସପକ୍ଷରେ ଏହା ହେଉଛି ଚତୁର୍ଥ ରାୟ ଏବଂ ଅଷ୍ଟମ ଡିଫେନସ୍ ରାୟ ।''

ଦଶନ୍ଧୀ ଧରି କରାଯାଇଥିବା ସ୍ୱାଧୀନ କ୍ଲିନିକାଲ୍ ପ୍ରମାଣଗୁଡ଼ିକୁ ବିଚାରକ ମଣ୍ଡଳୀ ଯତ୍ନ ସହକାରେ ବିଚାର ନେଇଛନ୍ତି, ଯେଉଁଥିରୁ ଜଣାପଡ଼ିଛି ଯେ, ଜନ୍‌ସନ୍‌ର ବେବି ପାଉଡର୍ ହେଉଛି ସୁରକ୍ଷିତ, ଏଥିରେ କୌଣସି ଆଜବେସ୍ଟସ୍ ନାହିଁ ଏବଂ ଏହା କ୍ୟାନସର୍‌ର କାରଣ ନୁହେଁ ବୋଲି ସେ କହିଛନ୍ତି ।

# ଏଣିକି ଆଉ ଅନୁକମ୍ପା ନାହିଁ, ମଦ୍ୟପ ଓ ବେପରୁଆ ଗାଡିଚାଳନା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ

କନ୍ଧମାଳ,(ପିଏନ)- ମଦୁଆ ଡ୍ରାଇଭର ଓ ବେପରୁଆ ଗାଡିଚାଳକଙ୍କ ପ୍ରତି ଏଣିକି ଆଉ ଟିକିଏ ବି ଅନୁକମ୍ପା ପ୍ରଦର୍ଶନ କରାଯିବ ନାହିଁ । ସେମାନଙ୍କ ବିରୁଦ୍ଧରେ ହେବ ଶକ୍ତ କାର୍ଯ୍ୟାନୁଷ୍ଠାନ । ଏହି ସୂଚନା ଦେଇଛନ୍ତି କନ୍ଧମାଳ ଆରଟିଓ ଗତିକୃଷ୍ଣ ସାମନ୍ତରାଏ । ପୂର୍ବରୁ କିଛି କିଛି ସ୍ଥାନରେ ଅନୁକମ୍ପା ଦେଖାଉଥିଲେ ଆରଟିଓ କର୍ମଚାରୀ । ମଦ୍ୟପ ଓ ଆରଟିଓଙ୍କ ସଂପର୍କ କୁଆଡେ ନିବିଡ ଥିଲା । ଫଳରେ ସେମାନେ ସୁପ୍ରିମକୋର୍ଟ କମିଟି କିମ୍ବା ସରକାରଙ୍କ ନିର୍ଦ୍ଦେଶକୁ କଡାକଡି ଭାବେ ମାନୁନଥିଲେ । କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂତନ ମୋଟରଯାନ ସଂଶୋଧିତ ଆଇନ କାର୍ଯ୍ୟକାରୀ ପରେ ରାଜ୍ୟରେ ଆରଟିଓ ମାନେ କିଭଳି ମଦ୍ୟପଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରୁଥିବା ନେଇ ପରିବହନ କମିଶନ ପ୍ରତି ଆରଟିଓ ଙ୍କୁ କଡା ଚିଠି ଲେଖିଛନ୍ତି ।

ପରିବହନ କମିଶନର ସୋମବାର ଆରଟିଓ ମାନଙ୍କୁ ତାଗିଦ୍ କରିବାସହ ନୂତନ ମୋଟରଯାନ ସଂଶୋଧିତ ଆଇନକୁ କଡାକଡି କାର୍ଯ୍ୟକାରୀ କରିବାଲାଗି ଚେତାଇ ଦେଇଛନ୍ତି । ଯେଉଁମାନେ ବେପରୁଆ ଗାଡିଚାଳନା କରୁଛନ୍ତି ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସ ତୁରନ୍ତ ବାତିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ମଦ୍ୟପ ଡ୍ରାଇଭର, ଓଭରଲୋଡିଂ ଗାଡି, ଅଧିକା ବେଗରେ ଗାଡି ଚଳାଇବା, ଗାଡି ଚଳାଇବା ସମୟରେ ମୋବାଇଲରେ କଥା ହେବାକୁ ଆଦୌ ବରଦାସ୍ତ କରାଯିବ ନାହିଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆରଟିଓ ସାମନ୍ତରାଏ କହିଛନ୍ତି ।

ସେହିପରି କ୍ରାଇମବ୍ରାଂଚ ରିପୋର୍ଟ ସହିତ ଆରଟିଓ ଓ ଇ-ଚାଲାଣ ମଧ୍ୟରେ ତାଳମେଳ ରହୁନି । କ୍ରାଇମବ୍ରାଂଚ ନୋଟିସକୁ କାର୍ଯ୍ୟକାରୀ ନକରି ଆରଟିଓ ମାନେ ଧରିବସିଥିବା ଜଣାପଡିଛି । ମଦ୍ୟପ ମାନଙ୍କ ପ୍ରତି ଆରଟିଓଙ୍କ କୋହଳ ମନୋଭାବ ଥିବା କମିଶନର ଜାଣିବାକୁ ପାଇବା ପରେ ଏହି କଡା ଚିଠି ଦେଇଥିବା ଜଣାପଡିଛି । ବର୍ତ୍ତମାନ କନ୍ଧମାଳର ମଦ୍ୟପ ଡ୍ରାଇଭର ଓ ବେପରୁଆ ଗାଡିଚାଳନା ପାଇଁ ଜବରଦସ୍ତ ଫାଇନ କଟାଯାଉଥିବା ଦେଖିବାକୁ ମିଳିଛି । ନୂଆବର୍ଷ ଠାରୁ ଏହାକୁ ଅଧିକ କଡାକଡି କରାଯାଇଛି ବୋଲି ଆରଟିଓ କହିଛନ୍ତି ।






# ୧୬ ଜଣ ନୂତନ ଅଧ୍ୟାପକଙ୍କୁ ନିଯୁକ୍ତି



ଭୁବନେଶ୍ୱର, (ପିଏନ)- ଶିକ୍ଷା ଦ୍ୱାରା ସମାଜର ନୂତନ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହୋଇପାରିବ । ତେଣୁ ଶିକ୍ଷକତାକୁ ଏକ ବୃତି ନ ଭାବି ବ୍ରତ ଭାବରେ ଗ୍ରହଣ କରିବାକୁ ପଡ଼ିବ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ପ୍ରକାଶ କରିଛନ୍ତି । ଆଜି କୃଷି ଭବନର ସମ୍ମିଳନୀ କକ୍ଷରେ ରାଜ୍ୟ ସିଲେକ୍‌ସନ୍ ବୋର୍ଡ଼ ଦ୍ୱାରା ଚୟନ କରାଯାଇଥିବା ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ନବନିଯୁକ୍ତ ଅଧ୍ୟାପକ ଅଧ୍ୟାପିକା ମାନଙ୍କର ନିଯୁକ୍ତି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଡ. ସାହୁ କହିଲେ ଯେ ଶିକ୍ଷକମାନେ ଛାତ୍ର ମାନଙ୍କର ମାର୍ଗଦର୍ଶକ । ତେଣୁ ଶିକ୍ଷକମାନେ ପ୍ରଭାବଶାଳୀ ହେବା ଆବଶ୍ୟକ । ବ୍ୟକ୍ତିଗତ ସଫଳତାକୁ ସମାଜର ବୃହତର ସ୍ୱାର୍ଥ ନିମନ୍ତେ ଉପଯୋଗ କରିବାର ମାନସିକତା ରହିଲେ ସଫଳତାର ଶୀର୍ଷରେ ପହଂଚିହେବ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ । ଏହି ନଯୁକ୍ତିକୁ ନୂତନ ବର୍ଷରେ ଉଚ୍ଚଶିକ୍ଷା ବିଭାଗ ତରଫରୁ ପ୍ରଥମ ଭେଟି ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ ।

ଉଚ୍ଚଶିକ୍ଷାକୁ ଏକ ଉଚ୍ଚତର ସୋପାନରେ ପହଂଚାଇବା ପାଇଁ ବିଭାଗ ତରଫରୁ ଅନେକଗୁଡ଼ିଏ ସଂସ୍କାରାମୂଳକ ପଦକ୍ଷେପ ନିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରବର୍ତିତ ୫-ଟି କୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଇ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ ।

କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାର ବିଭାଗ ଶାସନ ସଚିବ ଶାସ୍ୱତ ମିଶ୍ର ଯୋଗଦେଇ ନବନିଯୁକ୍ତ ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ନିଜ ଭିତରେ ଥିବା ଶକ୍ତି ଓ ସାମର୍ଥ୍ୟକୁ ଚିହ୍ନି ତାର ଉପଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ସୁରେନ୍ଦ୍ର କୁମାର ପଣ୍ଡା ପରିଚାଳନା କରିଥିଲେ । ଏହି ନିଯୁକତି କାର୍ଯ୍ୟକ୍ରମରେ ଯୋଗଦେଇଥିବା ୧୬ ଜଣ ଯୋଗ୍ୟ ବିବେଚିତ ହୋଇଥିବା ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ଅନୁଦାନପ୍ରାପ୍ତ ବେରକାରୀ ମହାବିଦ୍ୟାଳୟରେ ନିଯୁକତି ଦିଆଯିବ । ଏମାନଙ୍କ ମଧ୍ୟରେ ୧୪ ଜଣ ଦିବ୍ୟାଙ୍କ ଅଧ୍ୟାପକ ଅଧ୍ୟାପିକା ଥିବା ବେଳେ ଜଣେ ଖେଳାଳୀ, ଜଣେ ଅବସରପ୍ରାପ୍ତ ଆର୍ମି ଅଧିକାରୀଙ୍କୁ ନିଯୁକ୍ତି ପତ୍ରପ୍ରଦାନ କରାଯାଇଛି । ଏମାନଙ୍କ ମଧ୍ୟରୁ ବୋଟାନିରେ ୨ ଜଣ, ବାଣିଜ୍ୟରେ ଜଣେ, ରସାୟନରେ ଜଣେ, ଇଂରାଜୀରେ ୪ ଜଣ, ଲଜିକ୍ ଓ ଫିଲୋସଫିରେ ୨ ଜଣ, ପଦାର୍ଥ ବିଜ୍ଞାନରେ ଜଣେ, ରାଜନୀତି ବିଜ୍ଞାନରେ ୩ ଜଣ, ଗଣିତରେ ଜଣେ, ଜୁଲୋଜିରେ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା ।

ସୂଚନଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚଶିକ୍ଷା ବିଭାଗ ରାଜ୍ୟର ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ଗୁଡ଼ିକରେ ଖାଲିଥିବା ଅଧ୍ୟାପକ ପଦବୀ ପୂରଣ ଲାଗି ପଦକ୍ଷେପ ନିଆଯାଇଛି । ଏଥି ନିମନ୍ତେ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ରାଜ୍ୟ ସିଲେକ୍‌ସନ ବୋର୍ଡ଼କୁ ୮୩୩ଟି ଅଧ୍ୟାପକ ପଦବୀ ନିମନ୍ତେ ପଦକ୍ଷେପ ନେବା ପାଇଁ ଅନୁରୋଧ କରାଯାଇଥିଲା । ଏ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟକ୍ରମେ ୨୯୯,୨୮୯ ପଦବୀ ପୂରଣ ହୋଇଥିଲା ଏବଂଏହି କାର୍ଯ୍ୟକ୍ରମ ଆଗକୁ ଜାରି ରହିବ ।

## ଅଙ୍ଗନବାଡି କର୍ମଚାରୀ ୟୁନିୟନ ସଂଯୁକ୍ତ ମୋର୍ଚା ଆଗାମୀ ଡିସେମ୍ବର ୧୩ ତାରିଖ ଦିନ କରିବ ବିଧାନସଭା ଘେରାଉ

ଭୁବନେଶ୍ୱର: ବର୍ତମାନର ଜାତୀୟ ଶିକ୍ଷା ନୀତି ୨୦୧୯ରେ ଅଙ୍ଗନବାଡି କେନ୍ଦ୍ରକୁ ପ୍ରାଥମିକ ବିଦ୍ୟାଳୟ ସହିତ ସାମିଲ କରିବା ପାଇଁ ପ୍ରସ୍ତାବ ରହିଛି । କିନ୍ତୁ ଅଙ୍ଗନବାଡି କର୍ମୀ, ସହାୟିକା ଭତା, ଚାକିରୀ ସର୍ତାବଳୀ ଓ ଅନ୍ୟାନ୍ୟ କଲ୍ୟାଣମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ କୌଣସି ପ୍ରସ୍ତାବ ନାହିଁ । ଏହା ବିରୁଦ୍ଧରେ ପ୍ରତିବାଦ କରିବା ପାଇଁ ଅଙ୍ଗନବାଡି କର୍ମଚାରୀ ୟୁନିୟନକୁ ନେଇ ଗଠିତ ଅଙ୍ଗନବାଡି କର୍ମଚାରୀ ୟୁନିୟନ ସଂଯୁକ୍ତ ମୋର୍ଚା ଓଡିଶା ତରଫରୁ ଆଗାମୀ ଡିସେମ୍ବର ୧୩ ତାରିଖ ଦିନ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରା ଯିବ । ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସେ ଦିନ ସ୍ମାରକ ପତ୍ର ପ୍ରଦାନ କରା ଯିବା ସହ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଦାବି ପତ୍ର ଦିଆ ଯିବ । ଏ ସମ୍ପର୍କରେ ସୂଚନା ଦେଇ ମୋର୍ଚାର ଆବାହକ ବିଜୟ ଜେନା କହିଛନ୍ତି ଯେ କେନ୍ଦ୍ର ସରକାରଙ୍କର ଏହି ପ୍ରସ୍ତାବ ଦ୍ୱାରା ଆଙ୍ଗନବାଡି କେନ୍ଦ୍ର ଗୁଡିକ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବ । ଦିନକୁ ଦିନ ପ୍ରାଥମିକ ସ୍କୁଲ ପିଲାଙ୍କ ଅଭାବକୁ କମ ହୋଇଛି । ଆବଶ୍ୟକୀୟ ଭିତିଭୂମି ଅଭାବରୁ ଘରୋଇ ନର୍ସରୀ ବିଦ୍ୟାଳୟ ମାନ ବଢି ବଢି ଚାଲିଛି । ସରକାରୀ ବିଦ୍ୟାଳୟ ଗୁଡିକର ସ୍ଥିତି ଦୟନୀୟ ଅବସ୍ଥାରେ ପହଂଚିଛି । ଏପରି ଅବସ୍ଥାରେ ଅଙ୍ଗନବାଡି କେନ୍ଦ୍ର ଗୁଡିକ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ମିଶିଲେ ଅଙ୍ଗନବାଡି କର୍ମଚାରୀ ମାନଙ୍କର ସ୍ଥିତି ଖରାପ ହେବ ।

## ଟୁଇଟରରେ ଅନୁଷ୍କା ଶର୍ମାଙ୍କ ଦ୍ୱାରା ହାପି ଟୁଇଟ୍ ଅଭିଯାନ

ଭୁବନେଶ୍ୱର : ଦେଶର ଜନସା ଧାରଣଙ୍କ ମଧ୍ୟରେ ସକାରାତ୍ମକ ଚିଂଧାରା ସୃଷ୍ଟି ପାଇଁ ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ଦ୍ୱାରା ହାପି ଟୁଇଟ୍ ଅଭିଯାନ ଆରମ୍ଭ ହୋଇଛି । ଏହା ଲୋକଙ୍କ ମଧ୍ୟରେ ଦୟା ଭାବନା ଉତ୍ପନ୍ନ କରିବାକୁ ସକ୍ଷମ ହେବ । ଲୋକମାନଙ୍କୁ ଏହି ଅଭିଯାନ ଅଂର୍ଗତ ସକାରାତ୍ମକ ଚିଂ, ମୂହୁର୍ତ ତଥା ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିବାକୁ କୁହାଯାଉଛି । ଏହି ଡିଜିଟାଲ ଅଭିଯାନ ଦ୍ୱାରା ଲୋକଙ୍କ ମୁହଁରେ ହସ ଫୁଟାଇବାର ପ୍ରୟାସ କରାଯାଉଛି । ତାଙ୍କର ଭିଡ଼ିଓ ମଧ ଏହି ଅଭିଯାନରେ ଶେୟାର କରାଯାଉଛି ।ଏହା ପୂର୍ବରୁ ଅନୁଷ୍କା ଚଳିତ ବର୍ଷ ଅଗଷ୍ଟ ମାସରେ ପ୍ରଥମ ହାପି ଟୁଇଟ୍ ଭିଡ଼ିଓ ଶେୟାର କରିଥିଲେ ।ଏହି ଅବସରରେ ଅନୁଷ୍କା ଶର୍ମା କହିଲେ, ଲଭ୍ ଆଣ୍ଡ୍ ଲାଇଟ୍ ପ୍ରୋଜେକ୍ଟ ଲୋକଙ୍କ ମଧ୍ୟରେ ଆନନ୍ଦ ଓ ଖୁସି ବଢ଼ାଇବାକୁ ଚାହୁଁଛି । ବହୁ ଦିନ ମୁଁ ଟୁଇଟ୍ ଜାରି ରଖିଛି । ଲୋକଙ୍କ ମଧ୍ୟରେ ସକାରାତ୍ମକ ଚିଂଧାରା ବୃଦ୍ଧି କରିବା ଏହି ଅଭିଯାନର ମୁଳ ଲକ୍ଷ୍ୟ । ଲୋକେ ସୋସିଆଲ୍ ମିଡ଼ିଆ ସହାୟତାରେ ନିଜର ଭଲ ଚିଂଧାରା ଏବଂ ଇମୋଶନ୍‌କୁ ଶେୟାର କରୁଛନ୍ତି । ଏହା ଦ୍ୱାରା ସମଗ୍ର ସମାଜରେ ଏକ ନୂଆ ପ୍ରଭାବ ସୃଷ୍ଟି ହେବାର ଆଶା ଉଦ୍‌ଜୀବିତ ହୋଇପାରିବ । ଏହି ଅବସରରେ ଟୁଇଟର ଇଣ୍ଡିଆ ଏମ୍‌ଡି ମନିଶ୍ ମାହେଶ୍ୱରୀ କହିଲେ, ହାପି ଟୁଇଟ୍ ଅଭିଯାନ ଟୁଇଟର ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଆମେ ଲୋକଙ୍କ ମଧ୍ୟରେ ସକାରାତ୍ମକ ଚିଂଧାରା ସୃଷ୍ଟି କରିବାର ପ୍ରୟାସ କରୁଛୁ । ଅନୁଷ୍କାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ନିଆରା ଅଭିଯାନ ସମାଜରେ ଏକ ନୂଆ ଖୁସିର ସ୍ଥାନ ସୃଷ୍ଟି କରିପାରିଛି ।

## ନାରୀ ସୁରକ୍ଷା ପାଇଁ ଏବିଭିପିର ବିଶାଳ ଛାତ୍ର ଆନ୍ଦୋଳନ

ଭୁବନଶ୍ୱେର :ସମ୍ପ୍ରତି ରାଜ୍ୟରେ ତଥା ଦେଶରେ ବଢୁଥିବା ନାରୀ ମାନଙ୍କ ପ୍ରତି ନିର୍ଯ୍ୟାତନା ଆଜି ଚରମ ସୀମାରେ ପହଂଚିଛି । ଡ଼ଃ ପ୍ରିୟଙ୍କା ରେଡ୍ଡି ଘଟଣା ହେଉ କିମ୍ବା ରାଜ୍ୟରେ ରାଇରଙ୍ଗପୁର ମହାବିଦ୍ୟାଳୟର ଅଧ୍ୟାପିକା, ପୁରୀ କିମ୍ବା ଏହିଭଳି ବିଭିନ୍ନ ଘଟଣା ରାଜ୍ୟରେ ନାରୀମାନଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ଏବଂ ଏହି ପରିପେକ୍ଷୀରେ ରାଜ୍ୟର ପୋଲିସ ଯେଉଁଭଳି କାର୍ଯ୍ୟାନୁଷ୍ଠାନ ନନେବା କିମ୍ବା ନିଜେ ରକ୍ଷକ ହୋଇ ଭକ୍ଷକ ସାଜିବା ଘଟଣା ଏକ ସାଧାରଣ ଜନତା ମନରେ ଏ ସରକାର ନାରୀ ସୁରକ୍ଷାରେ କେତେ ବିଫଳ ଏହା ସ୍ପଷ୍ଟ ବାରି ହୋଇପଡୁଛି । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏକ ଦାୟୀତ୍ୱବାନ ଛାତ୍ର ସଂଗଠନ ହିସାବରେ ନାରୀ ମାନଙ୍କ ବିରୁଦ୍ଧରେ ଏଭଳି ହେଉଥିବା ନିର୍ଯ୍ୟାତନା କିମ୍ବା ହିଂସା କୁ ଆଦୌ ସହ୍ୟ ନକରି ତା ବିରୁଦ୍ଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସରକାରଙ୍କ ପାଖରେ ଦାବି ରଖୁଛି । ଏହି ଦାବୀକୁ ନେଇ ଏବିଭିପି ଏକ ଆନ୍ଦୋଳନର ଡାକରା ଦେଇଥିଲା ଏବଂ ଆଜି ହଜାର ହଜାର ଛାତ୍ରଛାତ୍ରୀ ଏକ ବିଶାଳ ରାଲିରେ ଆସି ଲୋୟର ପିଏମ୍‌ଜି ଠାରେ ଏକାଠି ହୋଇଥିଲେ । ବର୍ତ୍ତମାନ ହେଉଥିବା ନାରୀ ବିରୁଦ୍ଧରେ ହିଂସାକୁ ବିଭିନ୍ନ କ୍ୟାମ୍ପସରୁ ଆସିଥିବା ଛାତ୍ରୀ ମାନେ ଦୃଢ଼ ନିନ୍ଦା କରିଛନ୍ତି । ଛାତ୍ରୀ ମାନେ ନିଜ କ୍ୟାମ୍ପସରେ କିପରି ନିଜକୁ ସୁରକ୍ଷିତ ମଣୁନାହାନ୍ତି ସେ ବିଷୟରେ କ୍ଷୋଭ ପ୍ରକାଶ କରିଛନ୍ତି । ନ୍ୟାୟ ମିଳିବା ତ ଦୂରର କଥା ପୀଡିତା ଅଭିଯୋଗ କଲା ପରେ ମଧ ପୋଲିସ ଅଧିକାରି ଘଟଣାକୁ ଚାପିଦେଇ ଦୋଷିକୁ ଛାଡିଦେବା ଘଟଣା ଛାତ୍ରୀ ମାନଙ୍କ ମନରେ ସରକାରଙ୍କ ପାରିବା ପଣିଆ ପ୍ରତି ସନ୍ଦେହ ସୃଷ୍ଟି କରିଛି । ସାରା ଦେଶରେ ସମସ୍ତ ବଳାତ୍କାର ଘଟଣାକୁ ଫାଷ୍ଟ ଟ୍ରାକ୍ କୋର୍ଟ ମାଧମରେ ଶୁଣାଣୀ କରି ଦୋଷୀକୁ ୭ ଦିନ ମଧ୍ୟରେ ଫାସୀ ଦଣ୍ଡରେ ଦଣ୍ଡିତ କରିବା ପାଇଁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ସଙ୍ଗଠନ ଦାବି କରୁଛି ।ଯାଜପୁରର ସ୍ମୀତାରାଣୀଙ୍କୁ ନ୍ୟାୟ ଦେବାରେ ରାଜ୍ୟ ସରକାର ନ୍ୟାୟ ଦେବା ବଦଳରେ ଦୋଷୀ ମାନଙ୍କୁ ଘଣ୍ଟ ଘୋଡାଇ ରଖିବା ଅନ୍ୟନ୍ତ ନିନ୍ଦନୀୟ ବିଷୟ ବୋଲି ରାଜ୍ୟଯାଜପରର ଛାତ୍ରୀନେତ୍ରୀ ସଙ୍ଗୀତା ପଣ୍ଡା ବୋଲି ପ୍ରକାଶ କରିଥିଲେ, ରାଜ୍ୟ ସରକାର ୫ଟି କହି ମିଛ ପ୍ରଚାର କରୁଛନ୍ତି ନାରୀମାନଙ୍କୁ ନ୍ୟାୟ ପ୍ରଦାନରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ସମ୍ବଲପୁରର ଛାତ୍ରୀନେତ୍ରୀ ତଥା ରାଜ୍ୟ ସହଛାତ୍ରୀ ପ୍ରମୂଖ ନନ୍ଦିତା ନାୟକ, ରାଇରଙ୍ଗପୁରର ଅଧ୍ୟାପିକା ନ୍ୟାୟ ଭିକ୍ଷା ପାଇଁ ଏକମାସ କାଳ ପୋଲିସ ପାଖକୁ ଦୌଡିଥିଲେ କିନ୍ତୁ ପୋଲିସ ବିଭାଗ ଏହାକୁ କର୍ଣ୍ଣପାତ ନକରିବାଫଳରେ ଶେଷରେ ଅଧ୍ୟାପିକାଙ୍କୁ ନ୍ୟାୟ ନମିଳିବା କାରଣରୁ ଆତ୍ମହତ୍ୟା କରିବା ରାଜ୍ୟର ପୋଲିସର ଅସଲ ଚେହେରା ସର୍ବସମ୍ମୁଖକୁ ଆସିସାରିଛି ବୋଲି ରାଇରଙ୍ଗପୁରର ଛାତ୍ରୀନେତ୍ରୀ ପୂଜା ଭକ୍ତ ପ୍ରକାଶ କରିଥିଲେ, ହିଞ୍ଜିଳିକାଟୁ ହୋଇଥିବା ଗଣ ଦୁଷ୍କର୍ମ ଘଟଣାରେ ନ୍ୟାୟ ଦେବାରେ ରାଜ୍ୟ ସରକାର ବିଫଳ ହୋଇଥିବା ହିଞ୍ଜିଳିକାଟୁର ଛାତ୍ରୀନେତ୍ରୀ ବିଭୁପ୍ରିୟା ପ୍ରକାଶ କରିଥିଲେ ପରେ ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର, ରାଜ୍ୟ ସରକାରକୁ କଡା ନିନ୍ଦା କରିଥିଲେ ଗୋଟିଏ ପଟେ ରାଜ୍ୟ ନାରୀ ନିର୍ଯାତନା ବଢିଚାଲୁଥିବା ବେଳେ ଅନ୍ୟ ପକ୍ଷରେ ପିଡିତାଙ୍କୁ ନ୍ୟାୟ ଦେବାରେ ରାଜ୍ୟ ସରକାର ବିଫଳ ହିଇଛି । ଏ ଅପାରଗ, ବଧିର ସରକାର ସୁଣୁନାହାନ୍ତି ଚାଲ ସଚିବାଳୟରେ ତାଙ୍କୁ ଜବାବ ମାଗିବା ବୋଲି କହିଥିଲେ ଏହି ସମୟରେ ଧସ୍ତାଧସ୍ତି ବେଳେ ୩୦୦ ଜଣ ପୋଲିସ ଦ୍ୱାରା ଅଟକ ରଖାଯାଇଛି, ସେମାନଙ୍କ ମଧ୍ୟରେ ୧୦୩ ଛାତ୍ରୀ ଅଛନ୍ତି ଏବଂ ପୋଲିସ ସହ ଧସ୍ତାଧସ୍ତି ବେଳେ ୧୩ ଜଣ ଗୁରୁତର ଆଘାତ ହୋଇଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ସହସମ୍ପାଦକ ସଙ୍ଗୀତା ପଣ୍ଡା, ରାଜ୍ୟ ସହଛାତ୍ରୀ ପ୍ରମୂଖ ନନ୍ଦିତା ନାୟକ, ମିତାଲି ମୋହିନି ରଥ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ସୋନାଲି ବେହେରା, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମାନସ କୁମାର ସାହୁ, ସଂଜୟ ମଲ୍ଲିକ, ରାଜ୍ୟ ସହସମ୍ପାଦକ ରତନ ଦିଗଲ, ବୁଦ୍ଧଦେବ ବାଗ, ଲକ୍ଷ୍ମୀନାରାୟଣ ନାୟକ, ଭବାନୀ ଶଙ୍କର ଦାସ, ପ୍ରମୂଖ ନେତୃତ୍ୱ ନେଇଥିଲେ ।

## ଫିରିଙ୍ଗିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତ୍ରୟୋଦଶତମ ବାର୍ଷିକ କ୍ରୀଡ଼ା

କନ୍ଧମାଳ: କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତ୍ରୟୋଦଶତମ ବାର୍ଷିକ କ୍ରିଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡ଼ା ପ୍ରତିଯୋଗିତାର ଉଦଘାଟନି ଉତ୍ସବରେ ଫିରିଙ୍ଗିଆ ପଂଚାୟତ ସମିତି ସଭ୍ୟ ତଥା ଯୁବନେତା ପ୍ରତାପ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଫିରିଙ୍ଗିଆ ଅଂଚଳର ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ । ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ପ୍ରଦ୍ୟୁମ୍ନ କୁମାର ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଅଚାର୍ଯ୍ୟ ଆଚାର୍ଯ୍ୟା ମାନଙ୍କ ସହ ଛାତ୍ରଛାତ୍ରୀ ଓ ଅଭିଭାବକ ସମେତ ଶିଶୁମନ୍ଦିର ପରିଚାଳନା କମିଟିର ସଭାପତି, ସମ୍ପାଦକ ସହ ସମସ୍ତ କର୍ମକର୍ତା ଯୋଗ ଦେଇଥିଲେ । ଏହି କ୍ରୀଡ଼ା ପ୍ରତିଯୋଗିତାରେ ସମୁଦାୟ ୨୩ଟି ବିଭାଗରେ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ସମୁଦାୟ ୯୫ ଜଣ ଛାତ୍ରଛାତ୍ରୀ ଭାଗନେଇଥିଲେ ।

## ରିଲାଏନ୍ସ ଜିଓ ପକ୍ଷରୁ ନୂଆ ଅଲ-ଇନ-ୱାନ ପ୍ଲାନ ସମୂହ ଘୋଷଣା; ଅନ୍ୟ ଅପରେଟରମାନଙ୍କ ଠାରୁ ୧୫-୨୫% ପର୍ଯ୍ୟନ୍ତ ଶସ୍ତା ଜିଓର ନୂଆ ପ୍ଲାନ୍

ମୁମ୍ବାଇ: ବିଶ୍ୱର ସର୍ବବୃହତ ମୋବାଇଲ ଡାଟା ଅପରେଟର ଜିଓ ପକ୍ଷରୁ ନୂତନ ଅଲ-ଇନ-ୱାନ ପ୍ଲାନ ସମୂହ ଘୋଷଣା କରାଯାଇଛି । ଜିଓ ପକ୍ଷରୁ ଘୋଷଣା କରାଯାଇଥିବା ନୂଆ ଅଲ୍ ଇନ୍ ୱାନ୍ ପ୍ଲାନ୍ ପ୍ରତିଦ୍ୱନ୍ଦ୍ୱୀ ଅପରେଟର ଏୟାରଟେଲ୍ ଓ ଭୋଡାଫୋନ୍ ଆଇଡିଆର ସମାନ ପ୍ରକାରର ପ୍ଲାନ୍ ତୁଳନାରେ ୧୫-୨୫% ପର୍ଯ୍ୟ' ଶସ୍ତା ରହିଛି । ପୂର୍ବରୁ ରହିଥିବା ପ୍ଲାନ୍‌ଗୁଡ଼ିକ ତୁଳନାରେ ଜିଓ ଗ୍ରାହକମାନଙ୍କୁ ଅଧିକ ଅଫ୍ ନେଟ୍ କଲିଂ ମିନିଟ୍ ସମେତ ୩୦୦ ପ୍ରତିଶତ ଅଧିକ ଲାଭ ପ୍ରଦାନ କରୁଥିବା ଏହି ନୂଆ ପ୍ଲାନ ସମୂହ ସର୍ବଶ୍ରେଷ୍ଠ ସେବା ସର୍ବନିମ୍ନ ମୂଲ୍ୟରେ ପ୍ରଦାନ କରିବା ନେଇ ଜିଓର ପ୍ରତିବଦ୍ଧତାକୁ ପ୍ରତିପାଦିତ କରୁଛି । ଡିସେମ୍ବର ୬ ତାରିଖରୁ କାର୍ଯ୍ୟକାରୀ ହେବାକୁ ଯାଉଥିବା ଏହି ପ୍ଲାନ ସମୂହ ମଧ୍ୟରେ ରହିଛି ପ୍ରତିଦିନ ୧.୫ ଜିବି ଡାଟା ପ୍ରଦାନ କରୁଥିବା ଏକମାସ ଅବଧିର ୧୯୯ ଟଙ୍କା ମୂଲ୍ୟର ପ୍ଲାନ ଯେଉଁଥିରେ ଜିଓରୁ ଜିଓକୁ ଅସୀମିତ କଲ ଏବଂ ଫେୟାର ୟୁସେଜ ପଲିସିରେ ଅନ୍ୟ ନେଟୱାର୍କକୁ ୧୦୦୦ ମିନିଟର କଲ ସୁବିଧା । ସେହିଭଳି ଦୈନିକ ୧.୫ ଜିବି ଡାଟା ପ୍ରଦାନ କରୁଥିବା ଦୁଇ ମାସ ଅବଧିର ପ୍ଲାନର ମୂଲ୍ୟ ୩୯୯ ଟଙ୍କା ରହିଥିବା ବେଳେ ଏଥିରେ ଜିଓ ରୁ ଜିଓ କୁ ଅସୀମିତ କଲ ଏବଂ ଫେୟାର ୟୁସେଜ ପଲିସିରେ ଅନ୍ୟ ନେଟୱାର୍କକୁ ୨୦୦୦ ମିନିଟର କଲ ସୁବିଧା ରହିଛି । ଦୈନିକ ୧.୫ ଜିବି ଡାଟା ପ୍ରଦାନ କରୁଥିବା ତିନି ମାସ ଅବଧିର ପ୍ଲାନର ମୂଲ୍ୟ ୫୫୫ ଟଙ୍କା ରହିଥିବା ବେଳେ ଏଥିରେ ଜିଓରୁ ଜିଓକୁ ଅସୀମିତ କଲ ଏବଂ ଫେୟାର ୟୁସେଜ ପଲିସିରେ ଅନ୍ୟ ନେଟୱାର୍କକୁ ୩୦୦୦ ମିନିଟର କଲ ସୁବିଧା ରହିଛି । ଏହି କ୍ରମରେ ୩୬୫ ଦିନ ଅବଧିର ପ୍ଲାନ ର ମୂଲ୍ୟ ୨୧୯୯ ଟଙ୍କା ରହିଥିବା ବେଳେ ଏଥିରେ ଏଥିରେ ଜିଓ ରୁ ଜିଓ କୁ ଅସୀମିତ କଲ ଏବଂ ଫେୟାର ୟୁସେଜ ପଲିସିରେ ଅନ୍ୟ ନେଟୱାର୍କକୁ ୧୨୦୦୦ ମିନିଟର କଲ ସୁବିଧା ରହିଛି ।ଏଥିସହିତ ଜିଓ ପକ୍ଷରୁ ମଧ୍ୟ ଦୈନିକ ୨ ଜିବି ଓ ତିନି ଜିବି ଡାଟା ମିଳୁଥିବା ଭିନ୍ନ ଭିନ୍ନ ଅବଧିର ପ୍ଲାନ ସମୂହ ଘୋଷଣା କରାଯାଇଛି ।ଅଧିକ କଲ ଓ କମ ଡାଟା ବ୍ୟବହାର କରୁଥିବା ଗ୍ରାହକ ମାନଙ୍କ ପାଇଁ ଜିଓ ପକ୍ଷରୁ ଘୋଷଣା କରାଯାଇଥିବା ସୁଲଭ ପ୍ଲାନଗୁଡିକ ମଧ୍ୟରେ ରହିଛି ୧୨୯ ଟଙ୍କା ମୂଲ୍ୟର ଏକ ମାସ (୨୮ ଦିନ) ଅବଧିର ପ୍ଲାନ ଯେଉଁଥିରେ ୨ ଜିବି ଡାଟା ସହିତ ଜିଓ ରୁ ଜିଓ କୁ ଅସୀମିତ କଲ ଏବଂ ଫେୟାର ୟୁସେଜ ପଲିସିରେ ଅନ୍ୟ ନେଟୱାର୍କକୁ ୧୦୦୦ ମିନିଟର କଲ ସୁବିଧା ରହିଛି । ସମାନ ପ୍ରକାରର ସୁବିଧା ରହିଥିବା ତିନି ମାସ ଅବଧିର ପ୍ଲାନ ମୂଲ୍ୟ ୩୨୯ ଟଙ୍କା ଓ ଏକ ବର୍ଷ ଅବଧିର ପ୍ଲାନର ମୂଲ୍ୟ ୧୨୯୯ ଟଙ୍କା ରହିଛି । ସମସ୍ତ ପ୍ଲାନ ସହିତ ଜିଓ ପ୍ରାଇମ ଅଂର୍ଗତ ଉପଲବ୍ଧ ସମସ୍ତ ଆପ୍ସର ସବସ୍କ୍ରିପସନ ଗ୍ରାହକମାନଙ୍କୁ ମାଗଣାରେ ମିଳିପାରିବ ବୋଲି ଜିଓ ପକ୍ଷରୁ କୁହାଯାଇଛି ।ଏଥି ମଧ୍ୟରେ ରହିଥିବା ପ୍ରମୁଖ ଓ ଲୋକପ୍ରିୟ ଆପ୍ସଗୁଡିକ ମଧ୍ୟରେ ରହିଛି ୧୦୦ରୁ ଅଧିକ ଏଚଡି ଚ୍ୟାନେଲ ସମେତ ୬୦୦ରୁ ଉର୍ଦ୍ଧ୍ୱ ଟିଭି ଚ୍ୟାନେଲ ଉପଲବ୍ଧ ହେଉଥିବା ଜିଓ ଟିଭି; ୧୦୦୦୦ରୁ ଅଧିକ ମୁଭି (ସିନେମା), ଲକ୍ଷାଧିକ ଟିଭି ଶୋ ଓ ଧାରାବାହିକ ଓ ପ୍ରିମିୟମ ଅରିଜିନାଲ ଭିଡ଼ିଓ କନ୍‌ଟେଂଟ୍ସ ରହିଥିବା ଜିଓ ସିନେମା; ପାଂଚଲକ୍ଷ କୋଟିରୁ ଅଧିକ ଗୀତ ଓ ମାଗଣା କଲର ଟ୍ୟୁନର ସର୍ବବୃହତ ଲାଇବ୍ରେରୀ ଜିଓସାୱନ; ୧୫୦ରୁ ଅଧିକ ଲାଇଭ ନ୍ୟୁଜ୍ ଚ୍ୟାନେଲ, ୩୦୦ରୁ ଅଧିକ ଖବରକାଗଜ ଓ ୮୦୦ରୁ ଅଧିକ ପତ୍ରିକା ରହିଥିବା ଜିଓ ନ୍ୟୁଜ୍ ଏବଂ ଜିଓ କ୍ଲାଉଡ଼, ଜିଓ ସିକ୍ୟୁରିଟି, ଜିଓ ହେଲଥ କ୍ଲବ ଭଳି ପ୍ରିମିୟମ ଆପ୍ସ ସମୂହ ।



ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ଅବସରରେ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ମାର୍ନସ ଲାବୁସଗନେ ଶତକୀୟ ଅବସରରେ

### ଗୃହ ମନ୍ତ୍ରୀଙ୍କ ଓପିଏଚଡବ୍ଲୁସି ପରିଦର୍ଶନ ଓ ସମୀକ୍ଷା

## ଓପିଏଚଡବ୍ଲୁସିର କାର୍ଯ୍ୟଶୈଳି ଆହୁରି ବ୍ୟାପକ ହୋଇପାରିବ : ମନ୍ତ୍ରୀ କ୍ୟାପଟେନ୍ ମିଶ୍ର

ଭୁବନେଶ୍ୱର, (ପିଏନ)- ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ପୋଲିସ ହାଉସିଙ୍ଗ ଏବଂ ୱେଲଫେୟାର କର୍ପୋରେସନ ଲିମିଟେଡ଼ କାର୍ଯ୍ୟାଳୟ ପରିଦର୍ଶନ କରି ଗୃହ, ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର ଓପିଏଚଡବ୍ଲୁସି ଦ୍ୱାର ନିର୍ମାଣ କରାଯାଉଥିବା କୋଠାଗୃହ ଗୁଡ଼ିକ ଉତମ ମାନରେ ତେଳା ଯାଉଥିବା ହେତୁ ଭୂୟସୀ ପ୍ରଶଂସା କରିଥିଲେ ।

ମନ୍ତ୍ରୀ କ୍ୟାପ୍‌ଟେନ ମିଶ୍ର ଓପିଏଚଡବ୍ଲୁସି ସମ୍ମିଳନୀ କକ୍ଷଠାରେ ବିଭାଗ ଦ୍ୱାର କରାଯାଉଥିବା କାଠା ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ । ରାଜ୍ୟ ଗୃହ ବିଭାଗ ଅଧିନରେ ୧୯୮୦ ମସିହାରେ ଗଠିତ ହୋଇଥିବା ଓପିଏଚଡବ୍ଲୁସି ବର୍ଷକୁ ବର୍ଷ ଆଧୁନିକ ଢ଼ାଂଚାରେ ଉତମ ମାନର ସରକାରୀ କୋଠା ନିର୍ମାଣ କରି ସବୁ ସ୍ତରରେ ପ୍ରଶଂସାଭାଜନ ହୋଇପାରୁଛି । ୨୦୦୯-୧୦ ମସିହାରେ ୧୬୬.୬୬ କୋଟି ମୂଲ୍ୟ ବିନିଯୋଗ କରି ଗୃହ ନିର୍ମାଣ କରାଯାଇଥିବା ବେଳେ କ୍ରମାଗତ ବୃଦ୍ଧି ଘଟି ୨୦୧୮-୧୯ଆର୍ଥିକ ବର୍ଷରେ ୪୦୦ କୋଟି ମୂଲ୍ୟର ଉତମ ମାନର ସକରାରୀ କୋଠାଗୃହ ନିର୍ମାଣ କରିଛି । ଭୁବନେଶ୍ୱରସ୍ଥିତ କମିଶନର ଅଫ୍ ପୋଲିସ କୋଠା, ପୋଲିସ ଥାନା, କାରାଗାର, ଅଗ୍ନିଶମ, ନ୍ୟାୟପାଳିକା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଶିକ୍ଷା ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା ମାଇନିଙ୍ଗ କର୍ପୋରେସନ, ଓଡ଼ିଶା ରାଜ୍ୟ ରୋଡ୍ ଟ୍ରାନ୍ସଫର କର୍ପୋରେସନର ଓ ବସ୍ ଷ୍ଟାଣ୍ଡ, ଆଇଆରଇ, ନିର୍ଦ୍ଦେଶକ ବୈଷୟିକ ଶିକ୍ଷା ବିଭାଗ, ଉତ୍କଳିକା ଇତ୍ୟାଦି ଅନ୍ୟାନ୍ୟ ସମସ୍ତ ସରକାରୀ କୋଠାଗୁଡ଼ିକ ଆଧୁନକ ଢ଼ାଂଚାରେ ନିର୍ମାଣ କରିଆସୁଛି । ଏଥି ସହିତ ଅନେକ କୋଠା ଗୃହରେ ସୌରଶକ୍ତି ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ମଧ୍ୟ ପଦକ୍ଷେପ ଗ୍ରହଣ କରିଛି । ଏହିଭଳି ଆଧୁନିକ ଢ଼ାଂଚାରେ ଉତମ ମାନର ସରକାରୀ ବିଭାଗର କୋଠା ଉଚ୍ଚ ମାନର ନିର୍ମାଣ କରି ପାରୁଥିବା ହେତୁ ଓପିଏଚଡବ୍ଲୁସି ଦ୍ୱାରା ଜିଲ୍ଲାସ୍ତରରେ ଏବଂ ବ୍ଲକ୍ ସ୍ତରରେ ହେଉଥିବା କୋଠା ନିର୍ମାଣ କରିବା ଦିଗରେ ପଦକ୍ଷେପ ଗହଣକଲେ ଓପିଏଚଡବ୍ଲୁସିର କାର୍ଯ୍ୟଶୈଳୀ ଆହୁରି ବ୍ୟାପକ ହୋଇପାରିବ ବୋଲି ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ପ୍ରକାଶ କରିଥିଲେ ।

ସମୀକ୍ଷା ବୈଠକରେ ଓପିଏଚଡବ୍ଲୁସିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଲଳିତ ଦାସ, ମୁଖ୍ୟ ଯନ୍ତ୍ରୀ ଉପେନ୍ଦ୍ର ମୁଣ୍ଡ, ସୁପରିଟେଣ୍ଡେଂଟ ଇଂଜିନିୟର ପଂଚାନନ ମହାନ୍ତି, କମ୍ପାନୀ ସଚିବ ସୁଶାନ୍ତ କୁମାର ପଣ୍ଡା, ଏକଜିକ୍ୟୁଟିଭ ଇଂଜିନିୟର ରବି ଶଙ୍କର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ନୃତ୍ୟାଞ୍ଜଳିର କଳାକାରଙ୍କ ନୃତ୍ୟ ପରିବେଷଣ



ରାଉରକେଲା (ପିଏନ): ରାଉରକେଲା ଅଗ୍ରଣୀ ଓଡିଶୀ ନୃତ୍ୟାନୁଷ୍ଠାନ ନୃତ୍ୟାଞ୍ଜଳିର କଳାକାରଗଣ ବିଭିନ୍ନ ସ୍ଥାନରେ ନୃତ୍ୟ ପରିବେଷଣ କରି ବେଶ ପ୍ରଶଂସା ସାଉଁଟିଛନ୍ତି । ୨୬ ତାରିଖରେ ଗୋପାଳପୁର ବେଳାଭୂମି ମହୋତ୍ସବ ତଥା ୨୮ ତାରିଖରେ ଭୁବନେଶ୍ୱର ରବିନ୍ଦ୍ର ମଣ୍ଡପରେ ଅନ୍ତଜାତୀୟ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । ଆସନ୍ତା ୪ ତାରିଖ ଦିନ ନୃତ୍ୟାଞ୍ଜଳିର କଳାକାରମାନେ ବୌଦ୍ଧ ମହୋତ୍ସବରେ ନୃତ୍ୟ ପରିବେଷଣ କରିବାକୁ ଯିବାର ଅଛି ସୂଚନା ଦିଆଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶିକା ତଥା ନୃତ୍ୟଗୁରୁ ଅଞ୍ଜନା ପାଣିଗ୍ରାହୀଙ୍କ ତତ୍ତ୍ୱବଧାନରେ ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ । ରୋଜାଲିନ୍, ପ୍ରିୟମ୍ବଦା, ଶୁଭଲକ୍ଷ୍ମୀ, ମଧୁଲିକା, ସାଇନା ସିଲ୍ଲି ଅନନ୍ୟା ଏବଂ ନିଷ୍ଠା ନୃତ୍ୟାଞ୍ଜଳିର କଳାକାର ନୃତ୍ୟ ପରିବେଷଣ କରିଥିଲେ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray